# ଆଗରପଡ଼ାକୁ ମିଳିଲା ଏନ୍‌ଏସି ମାନ୍ୟତା

ଆଗରପଡ଼ା, ୨୪ ।୨(ସମିସ)

ବହୁ ପ୍ରତିକ୍ଷାର ଅନ୍ତ ଘଟିଲା। ବହୁ ଦାବି, ଆନ୍ଦୋଳନ, ବିକ୍ଷୋଭର ସଫଳତା ମିଳିଲା। ଶେଷରେ ଆଗରପଡ଼ାକୁ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ର ମାନ୍ୟତା ମିଳିଲା। କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ମଧ୍ୟ ଭାଗରେ ଆଗରପଡ଼ା ଅବସ୍ଥିତ। ବ୍ଲକ ସଦର ନ ହେଲେ ମଧ୍ୟ ବ୍ୟବସାୟିକ ଦୃଷ୍ଟିକୋଣରୁ ଆଗରପଡ଼ାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଠାରେ ବ୍ଲକର ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଦମକଳ କେନ୍ଦ୍ର ଏବଂ ଶିକ୍ଷା ଓ ପ୍ରଶିକ୍ଷକ କେନ୍ଦ୍ର ଅବସ୍ଥିତ। ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜନ୍ମମାଟି ଆଗରପଡ଼ା ହୋଇଥିବା ବେଳେ ଐତିହସଂପର୍ଣ୍ଣ କର୍ମମନ୍ଦିର ଏଠାରେ ଅବସ୍ଥିତ। ତେଣୁ ବିଭିନ୍ନ ଦୃଷ୍ଟିକୋଣରୁ ଆଗରପଡ଼ା ଏନ୍‌ଏସି ମାନ୍ୟତା ପାଇବା ପାଇଁ ଯୋଗ୍ୟ।

ତେବେ ବିଭିନ୍ନ କାରଣରୁ ଆଗରପଡ଼ାକୁ ଏନ୍‌ଏସି ମାନ୍ୟତା ଦେବାରେ ପଛଘୁଞ୍ଚା ଦିଆଯାଉଥିଲା। ବାରମ୍ବାର ପ୍ରଶାସନିକ ଅବହେଳା ଯୋଗୁଁ ଆଗରପଡ଼ାକୁ ପ୍ରଶସନ ମାନ୍ୟତା ଦେବାର ଫାଇଲ୍ ଆଗକୁ ଘୁଞ୍ଚିପାରୁନଥିଲା। ଏ ନେଇ ଦୈନିକ 'ସକାଳ'ରେ ବାରମ୍ବାର ଅନେକ ରିପୋର୍ଟ ପ୍ରକାଶ ପାଇଛି।

ଏଠାରେ ପ୍ରକାଶ ଥାଉକି; ଆଗରପଡ଼ାକୁ ଏନ୍‌ଏସି ମାନ୍ୟତା ପ୍ରସଙ୍ଗ ପ୍ରସ୍ତାବ ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବନ୍ଦ ବ୍ଲକ ପ୍ରଶାସନଙ୍କୁ ବାରମ୍ବାର ଚିଠି କରାଯାଉଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ଚିଠିର ଉତ୍ତର ରଖି ପାରୁନଥିଲେ।

ଗତ ୨୦୨୨ ଅଗଷ୍ଟ ୩ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ. ୮୩୦୨/ଜିଏଣ୍ଡଏମ୍ ଓ ୧୦୩୭୧ରେ ବନ୍ତ ବିଡିଓଙ୍କୁ ଆଗରପଡ଼ାକୁ ଏନଏସି ମାନ୍ୟତା ପ୍ରଦାନ ନିମନ୍ତେ ପ୍ରସ୍ତାବ ପଠାଇବାକୁ ଅବଗତ କରାଯାଇଥିଲା। କିନ୍ତୁ ୪ମାସ ପରେ ମଧ୍ୟ ବ୍ଲକରୁ କୌଣସି ଉତ୍ତର ନ ମିଳିବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସ୍ମାରକପତ୍ର-୨ ସ୍ୱରୂପ ଚିଠି ନଂ. ୧୨୩୮୪/ ଜିଏଣ୍ଡଏମ ତାଃ-୧୨-୨୦୨୨ରେ ପୁଣି ଆବଶ୍ୟକୀୟ ତଥ୍ୟ ଯଥାଶୀଘ୍ର ପ୍ରଦାନ କଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଉକ୍ତ ପ୍ରସ୍ତାବକୁ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ମଞ୍ଜୁର ନିମନ୍ତେ ପଠାଯିବ ବୋଲି ବିଡିଓଙ୍କୁ ଅନୁରୋଧ କରାଯାଇଥିଲା। କିନ୍ତୁ ବ୍ଲକ ପ୍ରଶାସନ ଏଥିନେଇ ନିରବତା ଅବଲମ୍ବନ କରିଥିଲା। ପ୍ରଶାସନର ନିରବତାକୁ ନେଇ ବାରମ୍ବାର ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହୋଇଆସୁଥିଲା। ପରେ ଗତ ମେ' ମାସରେ ଆଗରପଡ଼ାକୁ ଏନ୍‌ଏସି ମାନ୍ୟତା ପ୍ରଦାନ ପାଇଁ ସରକାରୀସ୍ତରରେ ପ୍ରସ୍ତୁତି ଆରମ୍ଭ ହେବା ସହ ଉକ୍ତ ଅଞ୍ଚଳର ସର୍ଭେ ଆରମ୍ଭ ହୋଇଥିଲା। ବନ୍ତ ବ୍ଲକର ୨୫ଟି ପଞ୍ଚାୟତରୁ ୯ଟି ପଞ୍ଚାୟତ ପୁରୁଷଣ୍ଡ, ବଡ଼ମହିଁଷଗୋଠ, ଅଣିକୋ, ଆଡ଼ିଆ, ଗୋପିନାଥପୁର, ରାମଚନ୍ଦ୍ରପୁର, ଚାରିଗାଁ, ମହାନ୍ତିପଡ଼ା ଓ ବିଟିପୁର ପଞ୍ଚାୟତ ଆଗରପଡ଼ା ଜୋନ୍‌ରେ ରହୁଛି। ତେଣୁ ନବଗଠିତ ଏନ୍‌ଏସିରେ କେଉଁ କେଉଁ ପଞ୍ଚାୟତ ରହିବ; ତାହା ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିଲେ ଜଣାପଡ଼ିବ।

# ମା'ନଣ୍ଡେଇଶୁଣୀଙ୍କ ପ୍ରତିଷ୍ଠା ଉତ୍ସବ

**ଆଗରପଡ଼ା, ୨୪ ।୨(ସମିସ):** ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନିମପଡ଼ା ଗ୍ରାମରେ ଅଧିଷ୍ଠିତ ଥିବା ମା' ନଣ୍ଡେଇଶୁଣୀଙ୍କ ପ୍ରତିଷ୍ଠା ଉତ୍ସବ ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ୨୩ ଜଣ ଦମ୍ପତିଙ୍କ ଦ୍ୱାରା ନରେନ୍ଦ୍ର ପୁଷ୍କରିଣୀରୁ ଘଟ ଉତ୍ତୋଳନ କରାଯାଇ ପୂଜାରମ୍ଭ ହୋଇଥିଲା। ୨ୟ ଓ ୩ୟ ଦିନର ପ୍ରତ୍ୟୁଷରୁ ସୂର୍ଯ୍ୟଦେବଙ୍କ ପୂଜା, ଗୋ ପୂଜାଦି କରାଯିବା ସହ ଯଜ୍ଞେଶ୍ୱରଙ୍କର



ଦଶକର୍ମାଦି ସଂସ୍କାର କରାଯାଇ ଚଣ୍ଡିପାଠ ସହ ପତ୍ୟେକ ମନ୍ତ୍ରରେ ଆହୁତି ପ୍ରଦାନ କରାଯାଇଥିଲା। ଯଜ୍ଞର ଶେଷ ଦିବସରେ ମା'ଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଏବଂ ଦୁର୍ଗାଙ୍କ ସହସ୍ର ନାମ ସହ ପାର୍ଶ୍ୱସ୍ଥ ଦେବାଦେବୀଙ୍କର ଆହୁତି ପ୍ରଦାନ, ଅଖଣ୍ଡ ନାମ ସଂକୀର୍ତ୍ତନ ସହ ଅପରାହ୍ନରେ ବହୁ ଭକ୍ତଙ୍କ ଉପସ୍ଥିତିରେ ବେଦମାତା ଗାୟତ୍ରୀଙ୍କର ମୂଳ ମନ୍ତ୍ରରେ ଏକଶତ ଅଷ୍ଟମନ୍ତ୍ରରେ ଆହୁତି ପ୍ରଦାନ କରାଯିବା ସହ ଘଂଟ, ଶଙ୍ଖ ଓ ହୁଳହୁଳି ଧ୍ୱନିରେ ବିଶ୍ୱର ମଙ୍ଗଳ ନିମିତ୍ତପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଉକ୍ତ ପୂଜାର ପୁରୋଧା ସୂର୍ଯ୍ୟମଣି ରାଉଳ ଓ ତାଙ୍କପତ୍ନୀ ଛବିରାଣୀ ମୁଖ୍ୟ କଳସ ଆଣିଥିବା ବେଳେ ଯଜ୍ଞ କାର୍ଯ୍ୟ ସଂପାଦନ କରିଥିଲେ ପଣ୍ଡିତ ବୀରେନ୍ଦ୍ର ତ୍ରିପାଠୀ, ଅନ୍ନଦା କର ଶର୍ମା, ସରୋଜ ମିଶ୍ର, ନାରାୟଣ ତ୍ରିପାଠୀ, ଜଗନ୍ନାଥ ମିଶ୍ର ପ୍ରମୁଖ। ଏହାକୁ ରବୀନ୍ଦ୍ର ରାଉତ, ପ୍ରାଣବନ୍ଧୁ ରାଉଳ, ପ୍ରମୋଦ ରାଉଳ, ବାବାଜୀ ରାଉଳ, ବୀରେନ୍ଦ୍ର ରାଉଳ, ନକୁଳ ଚରଣ ବାରିକ, କାର୍ତ୍ତିକ ରାଉଳ, ବାସୁଦେବ ରାଉଳ, ଉମାକାନ୍ତ ରାଉଳ, ପଦ୍ମନାଭ ରାଉଳ, ପ୍ରଫୁଲ ରାଉଳ, କୃଷ୍ଣ ଚନ୍ଦ୍ର ରାଉଳ ପ୍ରମୁଖ ସହଯୋଗ କରିଥିଲେ।

# ନିର୍ମାଣ ହେଲା ନୂଆ ଫଳକ




**ଆଗରପଡ଼ା, ୨୪ ।୨(ସମିସ):** ଶେଷରେ ନଇଁଲା ପ୍ରଶାସନ। ନିର୍ମାଣ କଲା ନୂଆ ଫଳକ। ଶନିବାର 'ଗୋଟିଏ ଫଳକରେ ବିଭିନ୍ନ ଯୋଜନାର ସୂଚନା' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇବା ପରେ ଉକ୍ତ ଦିନ ବିଭାଗ ପକ୍ଷରୁ କାର୍ଯ୍ୟସ୍ଥଳୀ ନିକଟରେ ନୂତନ ଫଳକ ନିର୍ମାଣ ହୋଇଥିବା ଜଣାପଡ଼ିଛି। ଭଦ୍ରକ ଜିଲ୍ଲା ବନ୍ତ ପଞ୍ଚାୟତ ସମିତି ପକ୍ଷରୁ ହେଉଥିବା ଉନ୍ନୟନ କାର୍ଯ୍ୟରେ ଫଳକ ଲେଖାରେ ବ୍ୟତିକ୍ରମ ହେଉଥିବା ଅଭିଯୋଗ ହୋଇଥିଲା। ଗୋଟିଏ ଫଳକରେ ବିଭିନ୍ନ ଯୋଜନାକୁ ଲେଖି ବିଭାଗ ତାର କାମ ସାରିଦେଉଥିବାର ଜଣାପଡ଼ିଥିଲା। କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ତୁମ୍ବାପଦି ଗ୍ରାମରେ ବର୍ତ୍ତମାନ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ଲକ୍ଷ୍ମୀ ମଣ୍ଡପ ଠାରୁ ସରମରା ପ୍ରଧାନମନ୍ତ୍ରୀ ସଡ଼କ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେଉଥିବାର ସୂଚନା ସ୍ଥାପିତ ଫଳକରେ ସ୍ଥାଣିତ ହୋଇଥିଲେ ସୁଦ୍ଧା ଏଠାରେ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। କିଛି ଦିନ ପୂର୍ବରୁ ଉକ୍ତ ଫଳକରେ ସେହି ଗ୍ରାମରେ ଅନ୍ୟ ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପର ସୂଚନା ଲିପିବଦ୍ଧ ହୋଇଥିଲା।

**'ସକାଳ' ପ୍ରଭାବ**

କିନ୍ତୁ ବର୍ତ୍ତମାନ ଆଉ ଏକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ନୂତନ ଫଳକ ନିର୍ମାଣ ନ କରି ପୂର୍ବ ଫଳକ ଉପରେ ରଙ୍ଗ ମାରି ତା' ଉପରେ ନୂତନ ଯୋଜନା ବିଷୟରେ ଲେଖିଦିଆ ଯାଇଥିବାର ଅଭିଯୋଗ ହୋଇଥିଲା। ଫଳକ ବାବଦରେ ବିଲ ହେଉଥିବା ବେଳେ ନୂତନ ଫଳକ ନ କରି ପୁରୁଣା ଫଳକରେ ସୂଚନା ଲେଖି କାମ ସାରି ଦେଇଥିବା ନେଇ ଅଭିଯୋଗକୁ ଦୈନିକ 'ସକାଳ'ପ୍ରକାଶ କରିଥିଲା। ତେଣୁ ତୁମ୍ବାପଦି ଗ୍ରାମ ବ୍ୟତିତ ଅନ୍ୟ ଗ୍ରାମରେ ମଧ୍ୟ ଫଳକକୁ ନେଇ ଦେଖାଯାଇଥିବା ବ୍ୟତିକ୍ରମରେ ସୁଧାର ଆଣିବା ପାଇଁ ବିଭାଗୀୟ ଅଧିକାରୀ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଜୀବନ କୌଶଳ ଓ ଧଳାମୂଳକ ଶିକ୍ଷା କର୍ମଶାଳା

**ଭଦ୍ରକ, ୨୪ ।୨(ସମିସ):** ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଶିଶୁ ଯତ୍ନ ଅନୁଷ୍ଠାନରେ ଜୀବନ କୌଶଳ ଓ ଧଳା ମୂଳକ ଶିକ୍ଷା ସାମିଲ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ଜିଲ୍ଲାରେ ପଞ୍ଜୀକୃତ ୯ଗୋଟି ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଓ କର୍ମକର୍ତ୍ତାମାନେ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଯୋଗିରଷି ଲଛମନ ଦାସ ଶିଶୁ ଆଶ୍ରମ, ଉତ୍କଳମଣି ଦରିଦ୍ର ନାରାୟଣ ସେବାଶ୍ରମ,




ମହାପୁରୁଷ ଆଶ୍ରମ, ଶାନ୍ତିଆଶ୍ରମ, ଆସିୟାନା ମୁକ୍ତାଶ୍ରୟ କେନ୍ଦ୍ର, ମାନବସେବା କନ୍ୟାଶ୍ରମ, ଫେଲେସିପ ଓ ବାତ୍ସଲ୍ୟ ଶିଶୁ ଯତ୍ନଅନୁଷ୍ଠାନ ସାମିଲ ଥିଲେ। ଉକ୍ତ କର୍ମଶାଳାରେ ବିଷୟ ବିଷାରଦ ରୂପେ ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ ଯୋଗଦାନ କରି ଜୀବନ କୌଶଳର ବିଭିନ୍ନ ଦିଗ ଓ ଧଳାମୂଳକ ଶିକ୍ଷା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ତେବାସୀ ମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଜୀବନ କୌଶଳ କିପରି ଜୀବନ ମାର୍ଗରେ ସହାୟ ହୁଏ ଏବଂ ପ୍ରଭାବ ପକାଇଥାଏ। ତାହା ଆଲୋଚନା ହୋଇଥିଲା ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ସମ୍ମାନୀତ ଅତିଥି ରୂପେ ପ୍ରାକ୍ତନ ଶିଶୁ ସୁରକ୍ଷା ଅଧିକାରୀ ପଦ୍ମନରାୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ଶିଶୁମଙ୍ଗଳ କମିଟି ସଦସ୍ୟ ନବୀନ ଚନ୍ଦ୍ର ସାହୁ, ଅମର ବାରିକ ଯୋଗଦାନ କରି ଜୀବନ କୌଶଳର ଉପଯୋଗିତା ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାରମ୍ଭିକ ସୂଚନା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ଅଧିକାରୀ ବିଶନାରାୟଣ ପଣ୍ଡା ପ୍ରଦାନ କରିଥିବା ବେଳେ ୟୁନିଟ୍‌ର ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ବାହ୍ୟକର୍ମୀ ମହେଶଚନ୍ଦ୍ର ଦାଶ, ସୁବ୍ରତ ଦାସ, ଦମୟନ୍ତୀ ଦାଶ, ଚିନ୍ମୟ ପଣ୍ଡା ସମେତ ଶିଶୁ ଯତ୍ନ ଅନୁଷ୍ଠାନର ସସ୍ମିତାନାୟକ, କାଦମ୍ବିନୀ ଯେନା, ଭାଗ୍ୟଶ୍ରୀ ମହାକୁଡ଼ ସମ୍ବିତ ମହାନ୍ତି, ଦିଗନ୍ତ ବେହେରା, ସୌମ୍ୟ ରଂଜନ ଦାସ, ଧନଞ୍ଜୟ ଜେନା, ଜ୍ୟୋତିପ୍ରକାଶ ପତି ଯୋଗାମାୟା ଚାନ୍ଦ, ସ୍ୱର୍ଣ୍ଣଦେବ ପାତ୍ର, ଆକାଶ ଚନ୍ଦ୍ର ପୃଷ୍ଟି, ତଥାଗତ ଜେନା, ସମେତ ରିୟାଜ ଅହମ୍ମଦ, ପରିଚାଳନାରେ ସହଯୋଗ କରିଥିଲେ ସଂପାଦକ ଅଶୋକ ଦାସ, ଦଶରଥ ମହାକୁଡ଼ ଉପସ୍ଥିତ ଥିଲେ। ପରିଶେଷରେ ଶିଶୁ ସୁରକ୍ଷା ଶାଖାର ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲେ।

● ଜମି ହଡ଼ପର ଆଉ ଏକ ଅଭିଯୋଗ

# ମୃତ୍ୟୁ ପରେ ବି ଜମି ମାଲିକଙ୍କ ଜମି ଲୁଟ୍

**ବାସୁଦେବପୁର, ୨୪ ।୨(ସମିସ):** ବାସୁଦେବପୁର ତହସିଲ ଅଧୀନସ୍ଥ ବାଲିମୁଣ୍ଡା ପଞ୍ଚାୟତରେ ପୁଣି ଏକ ଜମି ଦୁର୍ନୀତି ପଦାକୁ ଆସିଛି। ଜଣେ ଲୋକ ମୃତ୍ୟୁବରଣ କରି ସାରିଥିବା ବେଳେ ତାଙ୍କ ନାମରେ ଥିବା ଜମି ବିକ୍ରି ହୋଇଯିବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଘଟଣା ସାମନାକୁ ଆସିବା ପରେ ଜମି ମାଲିକଙ୍କ ପରିବାର ସ୍ଥାନୀୟ ନାୟକାଣିଡିହି ଥାନାରେ ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ବାଲିମୁଣ୍ଡା ପଞ୍ଚାୟତର ବଡହାବେଳୀ ସାହିର ବଙ୍କିମ ପାତ୍ର ୧୯୯୫ ମସିହାରେ ମୃତ୍ୟୁ ହୋଇଥିଲା। ତେବେ ବଙ୍କିମଙ୍କ ପରିବାର ପଡୋଶୀ ପଶ୍ଚିମବଙ୍ଗ ଦୀଘାରେ ବସବାସ କରୁଛନ୍ତି। ହେଲେ ବଡ ହବାଳୀ ସାହିରେ ଥିବା ୨୬ ଡେସିମିଲ ଜମିକୁ ତାଙ୍କର ନିକଟ ସମ୍ପର୍କୀୟ ଲୋକେ ଜମିକୁ ନିଜ ନାମରେ କରି ନେଇଥିବା ପରିବାର ଲୋକେ ଅଭିଯୋଗ ଉଠାଇଛନ୍ତି। ବଙ୍କିମଙ୍କ ପରିବାରର ଥିବା ସମସ୍ତ ଜମିକୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିକ୍ରେତା ସଜାଇ କିଣାବିକା କରା ଯାଇଥିବା ଅଭିଯୋଗ ବି କରିଛନ୍ତି। ବଙ୍କିମଙ୍କ ପରିବାର ଲୋକେ ଉକ୍ତ ସ୍ଥାନରେ ପହଞ୍ଚି ଜମି ରକ୍ଷଣାବେକ୍ଷଣ କରିବାକୁ ପ୍ରୟାସ କରିଥିବା ବେଳେ ଜମି ହଡପ କରିଥିବା ବ୍ୟକ୍ତି ଜଣକ ଆମ୍ଭ ଜମି କହି ଘଉଡାଇବାକୁ ପଛାଇ ନଥିଲା। ଏହି ଘଟଣା ପରେ ସମସ୍ତ କାଗଜ ପତ୍ରର ନକଲ ବାହାର କରିବା ପରେ ସମସ୍ତ ଘଟଣା ସାମନାକୁ ଆସିଛି। ବଙ୍କିମଙ୍କ ସମୁଦାୟ ଜମି ତାଙ୍କର ନିକଟ ସମ୍ପର୍କୀୟ ଅଧିର ପାତ୍ର ନାମକ ବ୍ୟକ୍ତିଙ୍କ ନାମରେ ନାମିତ ହୋଇଥିବା ଦସ୍ତାବିଜରୁ ଜାଣିବାକୁ ପାଇଥିଲେ। ଯାହାକୁ ନେଇ ଦୀଘାରେ ରହୁଥିବା ବଙ୍କିମଙ୍କ ପରିବାର ଆଜି ସ୍ଥାନୀୟ ଥାନାରେ ପହଞ୍ଚିବା ସହିତ ଜମି ଫେରି ପାଇବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି। ତେବେ ଏମିତି ଢଙ୍ଗରେ ସ୍ଥାନୀୟ ବିଦେଇପୁର ଓ ବାଲିମୁଣ୍ଡା ଅଞ୍ଚଳରେ ଅନେକ ଜମି ମାଲିକଙ୍କ ଦୃଷ୍ଟି ଆଢୁଆଳରେ ରଖି କିଣା ବିକାର ଅନେକ ଘଟଣା ସାମନାକୁ ଆସିଛି। ତେବେ ଏହି ମହା ଠକେଇ ଅଭିଯୋଗରେ ପ୍ରଶାସନ କାହିଁକି ନିରବଦ୍ରଷ୍ଟା ସାଜିଛି ତାହା ଏବେ ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଦାବି ହୋଇଛି।

# ବରିଷ୍ଠ ନାଗରିକ ସଂଘର ବାର୍ଷିକ ସମାରୋହ

**ତିହିଡ଼ି, ୨୪ ।୨(ସମିସ):** ତିହିଡ଼ି ବ୍ଲକ ବରିଷ୍ଠ ନାଗରିକ ସଂଘର ତୃତୀୟ ବାର୍ଷିକ ସମାରୋହ ତିହିଡ଼ି ସ୍ଥିତ ଦୀନଦୟାଲ ଭବନରେ ବରିଷ୍ଠ ନାଗରିକ ସଂଘର ସଭାପତି ସୋମନାଥ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରେଣ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ସଂଘ ସଭାପତି ପ୍ରସନ୍ନ କୁମାର ଦାସ, ସଂପାଦକ ରାଜକିଶୋର ସାମନ୍ତରାୟ, ଉପସଭାପତି ଅରୁଣ କୁମାର ମହାନ୍ତି, ଭଦ୍ରକ ଜିଲ୍ଲା ସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ସଂପାଦକ କୈଳାସ ଚନ୍ଦ୍ର ମହାପାତ୍ର, ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ ନାୟକ, ଉପଦେଷ୍ଟା ପଣ୍ଡିତ ଦୈତାରୀ ମହାପାତ୍ର, ଉପଦେଷ୍ଟା ସୁରେନ୍ଦ୍ର କୁମାର ନାୟକ, ଉପସଭାପତି ମହେଶ ପ୍ରସାଦ ଦାସ, କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ମହାକୁଡ, ହରିହର ସେନାପତି, ନିତ୍ୟାନନ୍ଦ ମଲ୍ଲିକ, ଧାମନଗର ସଂଘ ସଂପାଦକ ସଚ୍ଚିକାନ୍ତ ପଣ୍ଡା, ଶୀତଳ କୁମାର ବେହେରା ଏବଂ ଅନ୍ୟତମ କାର୍ଯ୍ୟକାରିଣୀ ସଦସ୍ୟ ଧନେଶ୍ୱର ବିଶ୍ୱାଳ




ପ୍ରମୁଖ ଯୋଗଦେଇଥିଲେ। ପ୍ରବଚିକା ବିଶ୍ୱମୈତ୍ରୀ ନାୟକ ବେଦପାଠ କରିଥିଲେ। ଅନ୍ୟତମ ଉପଦେଷ୍ଟା ରଘୁନାଥ ପାତ୍ର ଅତିଥି ପରିଚୟ ଦେଇଥିଲେ। ବରିଷ୍ଠ ନାଗରିକ ସଂଘ ସଂପାଦକ ବିଭୂତିଭୂଷଣ ସେନାପତି ସଂପାଦକୀୟ ବିବରଣୀ ପାଠ କରିବା ସହିତ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା ବର୍ଷିଆନ ପତ୍ରିକା ସମୀକ୍ଷା କରିଥିଲେ। ତିହିଡ଼ି ଜୋନରୁ ସୂର୍ଯ୍ୟମଣି ନାୟକ, ପାଳିଆରୁ ଧନେଶ୍ୱର ବିଶ୍ୱାଳ, କୋହ୍ଲରୁ ସୁରେନ୍ଦ୍ର ନାୟକ, ବାରୋରୁ ମଧୁସୂଦନ ସାହୁ ଓ ପୀରହାଟରୁ ଦୁର୍ଯ୍ୟୋଧନ ମହାପାତ୍ରଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଜନସେବୀ ଧୀରେନ୍ଦ୍ର ସାହୁ, ଅକ୍ଷୟ ବ୍ରହ୍ମ, ମନୋଜ ପାଣିଗ୍ରାହୀ, ପି.ହୃଷୀକେଶ, ରଘୁନାଥ ଜେନା, ଜଗନ୍ନାଥ ନାୟକ, ସନ୍ନ୍ୟାସୀ ଚରଣ ବ୍ରହ୍ମ, ଗୟାଧର ବଳ, ହରିଶ୍ଚନ୍ଦ୍ର ବାରିକ, କୃତିବାସ ଜେନା, କୃପାସିନ୍ଧୁ ବାରିକ, ବଳରାମ ସେନାପତି, ସୁରେନ୍ଦ୍ର ମାଝୀ, ଜୟଦେବ ଦାସ, ଜୟନ୍ତ ସେନାପତି, ଦେବେନ୍ଦ୍ର ପତି, ମଥୁରାମୋହନ ବେହେରା, ଭୁବନାନନ୍ଦ ମିଶ୍ର, ଅଶୋକ ପାଢ଼ୀ, ଶୈଳେନ୍ଦ୍ର ବାରିକ, ଧର୍ମପଦଗ୍ରହାଚାର୍ଯ୍ୟ, ପ୍ରତାପ ଆଚାର୍ଯ୍ୟ, ଚନ୍ଦ୍ରମଣି ମହାନ୍ତି, ଚାନ୍ଦବାଲି ବରିଷ୍ଠ ସଂପାଦିକା ପ୍ରମୋଦ ତ୍ରିପାଠୀ, ବାରୋରୁ ନାରାୟଣ ମାନଧାତା ପ୍ରଭୃତି ସଭ୍ୟ ଉତ୍ସବକୁ ପରିଚାଳନା କରିଥିଲେ।

# ୨ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

**ଚାନ୍ଦବାଲି, ୨୪ ।୨(ସମିସ):** ଚାନ୍ଦବାଲିର ବିଭିନ୍ନ ଅଞ୍ଚଳରେ ଚୋରା ଗଞ୍ଜେଇ ବିକ୍ରି ଚାଲିଥିବା ନେଇ ଖବର ପାଇବା ପରେ ଜିଲ୍ଲା ଅବକାରୀ ନିରୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଓଆଇସି ସନ୍ଦିପ କୁମାର ପାଢ଼ୀଙ୍କ ନେତୃତ୍ୱରେ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଚାନ୍ଦବାଲିର ବିଭିନ୍ନ ସ୍ଥାନରେ ଚଢ଼ଉ କରିଛନ୍ତି। ଚାନ୍ଦବାଲି ଥାନା ଅଧୀନ ଭାଟପଡ଼ା ଉଗ୍ରତାରା ଗାଁର ଶତ୍ରୁଘ୍ନ ନାୟକଙ୍କ ଘରେ ଚଢ଼ଉ କରାଯାଇ ୨କେଜି ୧ଶହ ଗ୍ରାମ ଗଞ୍ଜେଇ ଜବତ ସହ ଅଭିଯୁକ୍ତ ଶତ୍ରୁଘ୍ନଙ୍କୁ ଗିରଫ୍ କରାଯାଇଛି। ଏନେଇ ଚାନ୍ଦବାଲି ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି ଓ ଗିରଫ୍ ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ସୂଚନା ମିଳିଛି।

# ମାଣ୍ଡିଆ ବିହନ ଉତ୍ପାଦନ ସମ୍ପର୍କରେ ତାଲିମ




**ଭୁବନେଶ୍ୱର / ଭଦ୍ରକ, ୨୪ ।୨(ସମିସ):** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଗବେଷଣା ନିର୍ଦ୍ଦେଶାଳୟ ଅଧୀନରେ ଥିବା ସର୍ବଭାରତୀୟ ଗୁଣାତ୍ମକ ବିହନ ଉତ୍ପାଦନ ଗବେଷଣା ପ୍ରକଳ୍ପ ପକ୍ଷରୁ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କୁଆଁରଦା ଗ୍ରାମରେ ଏକ କୃଷକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଞ୍ଚଳରେ ମାଣ୍ଡିଆ ଓ ଅନ୍ୟାନ୍ୟ ଲଘୁ ଶସ୍ୟର ଉନ୍ନତ ଚାଷ ହେଉଛି। ଏଗୁଡିକର ଉନ୍ନତ ଚାଷ ପଦ୍ଧତି ଏବଂ ମାଣ୍ଡିଆ ବିହନ ଉତ୍ପାଦନ ସମ୍ପର୍କରେ ତାଲିମ ଦିଆଯାଇଛି। ଉନ୍ନତମାନର ବିହନ ଉତ୍ପାଦନ କରି ଲାଭାନ୍ୱିତ ହେବାକୁ ଯୁବ ଚାଷୀ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ ଓ ସ୍ୱବଲମ୍ବୀ କରିବା ତାଲିମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିହନ ଉତ୍ପାଦନ ଅଧିକାରୀ ଡ.ଚିତ୍ତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ କୁଆଁରଦା ଓ ଆଖପାଖ ଗାଁର ପ୍ରାୟ ୨୫୦ ଜଣ ଚାଷୀ ତାଲିମ ନେଇଛନ୍ତି। ଏହି ତାଲିମ ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନାରାୟଣ ଉପାଧ୍ୟାୟ, ସହକାରୀ ଜିଲ୍ଲା କୃଷି ଅଧିକାରୀ ଶ୍ରୀଧର କୁମାର ଦାସ, ଜିଲ୍ଲା ବିହନ ପ୍ରମାଣନ ଅଧିକାରୀ ରଘୁନାଥ ମହାପାତ୍ର, ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡ. ଉମାଶଙ୍କର ନାୟକ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସଞ୍ଜୟ କୁମାର ମହାନ୍ତି ଓ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱରର ଉପନିର୍ଦ୍ଦେଶକ ବିପିନ କୁମାର ପ୍ରଧାନ ପ୍ରମୁଖ ପୃଷ୍ଟି ଶସ୍ୟର ଉପକାରିତା, ଉପାଦେୟତା, ବୈଜ୍ଞାନିକ ପ୍ରଣାଳୀରେ ଚାଷ କୌଶଳ, ରୋଗ ପୋକ ନିୟନ୍ତ୍ରଣ, ବିହନ ଉତ୍ପାଦନର ବିଭିନ୍ନ ପଦ୍ଧତି ତଥା ପ୍ରାମାଣିକରଣ, ସରକାରୀ ଯୋଜନା ତଥା ସହାୟତା ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଚାଷୀମାନଙ୍କୁ ଅବଗତ କରିଥିଲେ।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକୋତ୍ସବ

ଆଗରପଡ଼ା, ୨୪ ।୨(ସମିସ)




ବନ୍ତ ବ୍ଲକ ରାମପୁର ପଞ୍ଚାୟତ ଅଧୀନସ୍ଥ ସରକାରୀ କୌଶଲ୍ୟା ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ବନ୍ତ ବ୍ଲକ ଶିକ୍ଷାଧିକାରିଣୀ ମଞ୍ଜୁଳାବାଳା ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ବିଶ୍ୱନାଥ ସାମଲ, ବ୍ଲକ ଶିକ୍ଷା ସଂଯୋଜକ ହରେକୃଷ୍ଣ ଆପଟ, ପ୍ରାକ୍ତନ ସିଆର୍‌ସିସି ସୁଧିର ରଞ୍ଜନ ରାଉତ, ସିଆର୍‌ସିସି ସନ୍ତୋଷ ମଲ୍ଲିକ, ସରପଞ୍ଚ ଗିରିଧାରୀ ସାହୁ, ପ୍ରାକ୍ତନ ସିଆର୍‌ସିସି କରୁଣାକର ନାୟକ, କୁଣ୍ଡଳା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ନାୟକ, କଳା ଶିକ୍ଷକ ସୁରେନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ନରେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିବା ବେଳେ ବାର୍ଷିକ ବିବରଣୀ ପାଠ କରିଥିଲେ ଶିକ୍ଷକ ମନୋରଞ୍ଜନ ମଲ୍ଲିକ ଓ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରକାଶ ଚନ୍ଦ୍ର ଜେନା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ, ନୃତ୍ୟ, ନାଟକ ଆଦି ଅନୁଷ୍ଠିତ ହେବା ସହ ଚଳିତବର୍ଷ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର ଦେଇ ପୁରସ୍କୃତ କରିଥିଲେ। ଶିକ୍ଷକ ଅନିରୁଦ୍ଧ ମଙ୍ଗଳ, ଶିକ୍ଷୟିତ୍ରୀ ମନୋରମା ପାଢ଼ୀ, କମିଟି ସଭ୍ୟା ଅନୁପମା ବିଶ୍ୱାଳ, ଗୌରୀରାଣୀ ବେହେରାଙ୍କସହ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ବନ୍ତ ବ୍ଲକ ପଧାନପଡ଼ା ପଞ୍ଚାୟତର ବନବିହାରୀ ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଜୟ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡା, ଜାତୀୟ ପୁରସ୍କୃତ ଶିକ୍ଷକ ଶଶୀଶେଖର କର ଶର୍ମା, ଅଲେଖ ଚନ୍ଦ୍ର ନାୟକ, ଭାସ୍କର ଚନ୍ଦ୍ର ପାଢ଼ୀ, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯାକତ ଅଲ୍ଲୀ, ମହତାବ ମଇର ପ୍ରଧାନଶିକ୍ଷକ ରମାକାନ୍ତ ଜେନା, ସଭାପତି ପ୍ରଦୀପ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସେକ୍ ଆଜାରୁଦ୍ଦିନ ଅତିଥି ପରିଚୟ, ବାର୍ଷିକ ବିବରଣୀ ପାଠ ଶିକ୍ଷୟିତ୍ରୀ ଦୀପ୍ତିରେଖା ସାହୁ, ଧନ୍ୟବାଦ ଅର୍ପଣ କରିଥିଲେ ସତ୍ୟରଞ୍ଜନ ଦାସ। ଏହାକୁ ଶିକ୍ଷକ /ଶିକ୍ଷୟିତ୍ରୀ ବୀଣାପାଣି ମହାକୁଡ଼, ଝିଲିରାଣୀ ପଲେଇ, ପ୍ରଫୁଲ ମଲ୍ଲିକ, ସେକ ରମଜାନ ଅଲ୍ଲୀ, ରମେଶପ୍ରସାଦ କର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଗୀତ, ନୃତ୍ୟ, ଅଭିନୟ ଆଦି ଅନୁଷ୍ଠିତ ହୋଇ ଚଳିତବର୍ଷ ଆୟୋଜିତ ହୋଇଥିବା କ୍ରୀଡ଼ା ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।



## ........ ଭଦ୍ରକ ଗସ୍ତରେ '୫-ଟି' ଅଧ୍ୟକ୍ଷ ........

# ତ୍ୱରାନ୍ୱିତ ହେଉଛି ଜିଲ୍ଲାର ବିକାଶ

ଭଦ୍ରକ/ଭଣ୍ଡାରିପୋଖରୀ/ଦୋବଲ/ଅସୁରାଳି, ୨୪ ।୨(ସମିସ)

ରାଜ୍ୟ ସରକାରଙ୍କ '୫-ଟି' ଏବଂ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଭଦ୍ରକ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ତାଙ୍କର ଏହି ଦିନିକିଆ ଗସ୍ତରେ ପ୍ରଥମେ ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ। ସାଧାରଣ ସଭାରେ ଉପସ୍ଥିତ ହଜାର ହଜାର ସଂଖ୍ୟାର ଜନ ସାଧାରଣଙ୍କୁ ଉଦ୍‌ବୋଧନ ଦେବା ଅବସରରେ '୫-ଟି' ରୂପାନ୍ତରଣ, 'ଆମ ଓଡ଼ିଶା ନବୀନ ଓଡ଼ିଶା' ଆଧାରରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନା ଜରିଆରେ ଭଦ୍ରକ ଜିଲ୍ଲାର ବିକାଶକୁ ତ୍ୱରାନ୍ୱିତ କରାଯାଉଥିବା ପ୍ରକାଶ କରିଥିଲେ। ବିରିଡ଼ି ରେଳଧାରଣା ଠାରୁ ତିନ୍ତର ଘାଟ ପର୍ଯ୍ୟନ୍ତ ବୈତରଣୀର ବାମପାଖ, କୋଚିଳାର ଉଭୟ ପାଖ ବନ୍ଧର ସୁଦୃଢ଼ିକରଣ ଏବଂ ପକ୍କାରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ସେ ଘୋଷଣା କରିଥିଲେ। ଆଖୁଆପଦା ଠାରୁ ତିନ୍ତର ଘାଟ ପର୍ଯ୍ୟନ୍ତ ଏହି ବନ୍ଧ ସଶକ୍ତ ହେଲେ ବନ୍ୟା ପ୍ରବଣ ଭଣ୍ଡାରିପୋଖରୀ, ଧାମନଗର ଓ ଚାନ୍ଦବାଲି ବ୍ଲକର ବନ୍ୟା ନିୟନ୍ତ୍ରଣ କରାଯାଇ ପାରିବ। ବନ୍ଧ ରାସ୍ତା ସଶକ୍ତ ଓ ପ୍ରଶସ୍ତ ହେବା ଦ୍ୱାରା ଅଞ୍ଚଳବାସୀ ବିଶେଷ ଉପକୃତ ହେବେ। ବ୍ୟାରେଜ ଦ୍ୱାରା ସୃଷ୍ଟ ଜଳ ଭଣ୍ଡାର ଦ୍ୱାରା ଜଳସେଚନ ଓ ମତ୍ସ୍ୟ ସମ୍ପଦ ଉଭୟ ଦିଗରେ କୂଳବାସୀ ଲାଭାନ୍ୱିତ ହେବେ। ଏହି ପରିପ୍ରେକ୍ଷୀରେ ସେ ପ୍ରକାଶ କରିଥିଲେ କି ବିରିଡ଼ି ଠାରୁ ତିନ୍ତର ଘାଟ ପର୍ଯ୍ୟନ୍ତ ପକ୍କାରାସ୍ତା ନିର୍ମାଣ ହେବାପାଇଁ ୯୬.୩୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାଦ୍ୱାରା ୧୭ଟି ଗ୍ରାମ ପଞ୍ଚାୟତବାସୀ ଉପକୃତ ହେବେ। ବର୍ତ୍ତମାନ ଆଖୁଆପଦାରୁ ତିନ୍ତର ଘାଟ ପର୍ଯ୍ୟନ୍ତ ସଡ଼କ ପଥରେ ଯାତ୍ରା ପାଇଁ ୩ ଘଣ୍ଟାର ସମୟ ୨ ଘଣ୍ଟାକୁ ହ୍ରାସ ପାଇବ। ଯାଜପୁର ମେଡ଼ିକାଲ କଲେଜ ଓ ବଜାର ଅଞ୍ଚଳକୁ ଯିବା ପାଇଁ ସହଜ ଓ ସୁଗମ ହେବ। ଏହାଦ୍ୱାରା ନଦୀର ବାମପାଖ ବନ୍ଧ ସଶକ୍ତ ହେବ।

ବିରିଡ଼ି ରେଳଧାରଣା ଠାରୁ ତିନ୍ତର ଘାଟ ପର୍ଯ୍ୟନ୍ତ ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ୫୩.୮୭ କୋଟି ଟଙ୍କା ମଞ୍ଜୁର ହୋଇଥିବା ନେଇ ସେ ପ୍ରକାଶ କରି ଏହାଦ୍ୱାରା ବନ୍ୟା ନିୟନ୍ତ୍ରଣ ହେବା ସହିତ ବାମପାଖ ବନ୍ଧ ସଶକ୍ତ ହେବ ବୋଲି କହିଥିଲେ। ୪୮୦ କୋଟି ଟଙ୍କାରେ ନିର୍ମାଣ ହେଉଥିବା ଆଖୁଆପାଦା ଅନ୍ତଃନଦୀ ଜଳ ସଂରକ୍ଷଣ ପ୍ରକଳ୍ପ ଦ୍ୱାରା ଉଭୟ ଭଦ୍ରକ ଓ ଯାଜପୁର ଜିଲ୍ଲାର ଲୋକେ ଉପକୃତ ହେବେ ବୋଲି ସେ ପ୍ରକାଶ କରିଥିଲେ। ପାଖାପାଖି ୩୨ ହଜାର ହେକ୍ଟର ଜମିପାଇଁ ଜଳ ସେଚନ ସୁବିଧା ଉପଲବ୍ଧ ହେବ। ଏହାଦ୍ୱାରା ମଧ୍ୟ ପାନୀୟ ଜଳ ଯୋଗାଣରେ ପାଖାପାଖି ୫ ଲକ୍ଷ ଲୋକ ଉପକୃତ ହେବେ। ଏହାଦ୍ୱାରା ସୃଷ୍ଟ ଜଳାଶୟରେ ୩୦୦ ହେକ୍ଟର ଅଞ୍ଚଳରେ ମତ୍ସ୍ୟ ସମ୍ପଦର ବିକାଶ କରିହେବ। ଏହା ଦ୍ୱାରା ଜଳସେଚନ ସୁବିଧା ପାଇ ରବି ଓ ଖରିଫ୍ ଫସଲର ଉନ୍ନତି ହେବ। ପ୍ରାଣୀ ସମ୍ପଦ ପାଳନରେ ବିକାଶ ଘଟିବ। ଭଦ୍ରକ ଓ ଯାଜପୁର ଜିଲ୍ଲା ମଧ୍ୟରେ ଲୋକଙ୍କ ପାଇଁ ଗମନାଗମନ ଓ ଯୋଗାଯୋଗ ସୁବିଧାର ଉନ୍ନତିକରଣ ହୋଇପାରିବ। ବୈତରଣୀ ନଦୀର ବନ୍ୟା ନିୟନ୍ତ୍ରଣରେ ଏହା ସାହାଯ୍ୟ କରିବ। ଏହାଦ୍ୱାରା ଭୂତଳ ଜଳସ୍ତର ବୃଦ୍ଧି ପାଇପାରିବ। ସେହିପରି ୨୦୧ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା କୋଚିଳା ଅନ୍ତଃ ନଦୀ ଜଳସଂରକ୍ଷଣ ଯୋଗୁଁ ଉଭୟ ଭଦ୍ରକ ଓ ଯାଜପୁର ଜିଲ୍ଲାର ଲୋକେ ଉପକୃତ ହେବେ। ଏହାଦ୍ୱାରା ପ୍ରାୟ ୨ ଲକ୍ଷ ଲୋକ ପାନୀୟ ଜଳ ସୁବିଧା ପାଇବେ। ଜଳ ଭଣ୍ଡାର ମତ୍ସ୍ୟ ସମ୍ପଦ ବିକାଶରେ ବିନିଯୋଗ ହୋଇପାରିବ। ରବି ଜଳସେଚନ ପାଇଁ ଜଳ ଉପଲବ୍ଧ ହେବ। ଭଦ୍ରକ ଓ ଯାଜପୁର ଜିଲ୍ଲାର ଲୋକଙ୍କ ପାଇଁ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ଘଟିବ। ବୈତରଣୀ ବନ୍ୟା ନିୟନ୍ତ୍ରଣରେ ସହାୟକ ହେବ। ନୂତନ ଭୂତଳ ଜଳକୁ ରିଚାର୍ଜ କରି ଗ୍ରୀଷ୍ମ ଋତୁରେ ଜଳସ୍ତର ସଂରକ୍ଷଣରେ ସହାୟକ ହେବ।

ସଡ଼କ ପଥରେ ଧାମନଗରର ପାଳସାହିକୁ ଗସ୍ତ ସମୟରେ ଆଖୁଆପଦା ବ୍ୟାରେଜ୍ ପରିଦର୍ଶନ କରି ଭଦ୍ରକର ଦୁଃଖ କଟିଂଘାଇ ଅଞ୍ଚଳକୁ ପାଦରେ ବୁଲି ବୁଲି ପରିଦର୍ଶନ କରି ଏହାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ନିଜେ ବାଇକ୍ ଚଳାଇ ଅନ୍ୟମାନଙ୍କ ସହ ଧାମନଗର ନଦୀବନ୍ଧ, ମଲ୍ଲୀ ମାହାରା ଏସ୍କେପ୍, ଗୌରାଙ୍ଗ ଏସ୍କେପ୍, କୋଚିଳା ବ୍ୟାରେଜ୍ ପରିଦର୍ଶନ କରି ଧାମନଗର ବ୍ଲକର ପାଳସାହିରେ ଅବସ୍ଥିତ ଇନ୍ଦିରାଗାନ୍ଧୀ ସ୍ମୃତି ବିଜ୍ଞାନ ଓ ବୈଷୟିକ ଡିଗ୍ରୀ ମହାବିଦ୍ୟାଳୟ ନିକଟସ୍ଥ ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇଥିଲେ। ଦୁଇ ସାଧାରଣ ସଭାରେ ଉପସ୍ଥିତ ଜନସାଧାରଣଙ୍କ ଠାରୁ ଦରଖାସ୍ତ ଗ୍ରହଣ କରିଥିଲେ। ପୂର୍ବରୁ ଭଣ୍ଡାରିପୋଖରୀ ଏବଂ ଧାମନଗର ଆସିଥିବା ସମୟରେ ଗ୍ରହଣ କରିଥିବା ଦରଖାସ୍ତ ଗୁଡ଼ିକ ମଧ୍ୟରୁ ବହୁ ସଂଖ୍ୟାରେ ସମାଧାନ କରାଯାଇଥିବା ବିଷୟରେ ସୂଚନା ଦେଇଥିଲେ। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏସ୍‌ପି ବରୁଣ ଗୁଣ୍ଟୁପାଲି ମଧ୍ୟ ସମସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜିବ୍ ମଲ୍ଲିକ୍, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ସମେତ ରାଜ୍ୟ ବିଜେଡି ସାଂଗଠନିକ ସମ୍ପାଦକ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ସଭ୍ୟ ପ୍ରଦୀପ ମଲ୍ଲିକ, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷ ସମ୍ପୁତୀ ସେଠୀ, ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ଧାମନଗର ବ୍ଲକ ଅଧ୍ୟକ୍ଷ ଶର୍ମିଷ୍ଠା ବେହେରାଙ୍କ ସମେତ ବହୁ ଜନ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡ୍ଡୁ, ସିଡିଓ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସମ୍ପୃକ୍ତ ଦାୟିତ୍ୱ ନିର୍ବାହ କରିଥିଲେ।

## ବାଇକ୍ ଚଳାଇ, ପାଦରେ ବୁଲି ଦେଖିଲେ ନଦୀବନ୍ଧ, ଏସ୍କେପ୍


















## ଲୁହା ପ୍ଲେଟ୍ ଚୋରି ଅଭିଯୋଗରେ ୩ କୋର୍ଟଚାଲାଣ



**ବ୍ୟାସନଗର,୨୪।୨(ସମିସ):** ଯାଜପୁରରୋଡ ପୁଲିସ ଲୁହା ପ୍ଲେଟ ଚୋରି ଅଭିଯୋଗରେ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଏସଆଇ ଅଜୟ ସାହୁ ଯାଜପୁରରୋଡ ଥାନା ମାରୁଟିକର ଗାଁରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ପିକଅପ୍ ଗାଡ଼ିରେ କିଛିଲୋକ ଚୋରା ଲୁହା ପ୍ଲେଟ ଆଣିଥିବା ସୂଚନା ପାଇ ଚଢ଼ଉ କରିଥିଲେ। ପୁଲିସ ତିନିଜଣଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ୧୦ଟି ଲୁହା ପ୍ଲେଟ, ୨ଟି ଗ୍ୟାସ କଟର, ଦୁଇଟି ବାଇକ ଓ ଗୋଟିଏ ସାଇକଲ ଜବତ କରିଥିଲେ। ଗିରଫ ବ୍ୟକ୍ତିମାନେ ହେଲେ କୁମ୍ଭୀରଗଡିଆ ଗାଁର ଲକ୍ଷ୍ମୀଧର ମହାକୁଡ଼, ଧୂଳିଗଡ଼ ଅଞ୍ଚଳର ମଳୟ ତରେଇ ଓ ଧର୍ମଶାଳା ଅଞ୍ଚଳର ଅମର ସାମଲ ବୋଲି ଜଣାପଡିଛି। ଶନିବାର ୬୭/୨୪ରେ ମାମଲା ରୁଜୁ କରି ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ୭୦ ଲିଟର ମଦ ଜବତ, ଜଣେ ଗିରଫ



**ବ୍ୟାସନଗର,୨୪।୨(ସମିସ):** ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ସୋଲେଇ ଛକରେ ଚଢ଼ଉ କରାଯାଇ ବାଇକ୍ ସହିତ ୭୦ ଲିଟର ଦେଶୀମଦ ଜବତ କରିବା ସହିତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଅଧିକାରିଣୀ ବିଜୟଲକ୍ଷ୍ମୀ ଦାସ ଯାଜପୁରରୋଡ ଥାନା ସୋଲେଇ ଛକରେ ଚଢ଼ଉ କରିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ବାଇକ୍‌ରେ ଦେଶୀମଦ ବିକିବାକୁ ନେଇଆସୁଥିବା ଦେଖି ଗିରଫ କରିଥିଲେ। ଗିରଫ ବ୍ୟକ୍ତି ଜଣକ ଘସିପୁରା ଅଞ୍ଚଳର ଶ୍ରୀମ୍ୟାନ ମୁର୍ମୁ ବୋଲି ଜଣାପଡିଛି। ଏହି ଚଢ଼ଉରେ ସବ-ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଣ୍ଡା,ଏସଆଇ କ୍ଷୀରୋଦ କୁମାର ସାହୁ, ଶୁଭସ୍ମିତା ପ୍ରଧାନ ଓ କର୍ମଚାରୀ ସାମିଲ ଥିଲେ।

## ଦେଶୀମଦ ସହ ବାଇକ୍ ଜବତ; ବେପାରୀ ଗିରଫ

**କବାଟବନ୍ଧ,୨୪।୨(ସମିସ):** ଯାଜପୁର ଓ ଧର୍ମଶାଳା ଅବକାରୀ ବିଭାଗ ପକ୍ଷରୁ ଜେନାପୁର ଥାନା ଅଞ୍ଚଳରେ ଚଢ଼ଉ କରାଯାଇ ଶନିବାର ଜଣେ ଚୋରା ଦେଶୀମଦ ବେପାରୀ ନିକଟରୁ ୮୦ ଲିଟର ଦେଶୀ ମଦ ସହ ଏକ ବାଇକ୍ ଜବତ କରି ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅନ୍ତର୍ଗତ କାଶିପୁର ଗ୍ରାମର ସ୍ୱର୍ଗତ ମହେଶ୍ୱର ମଲିକଙ୍କ ପୁଅ ହିମାଂଶୁ ମଲିକ(୨୨)। ଅବକାରୀ ବିଭାଗ ସୂଚନା ମୁତାବକ ହିମାଂଶୁ ଢେଙ୍କାନାଳ ଜିଲ୍ଲାରୁ ମଦ ନେଇ ଯାଜପୁର ଅଞ୍ଚଳକୁ ଯାଉଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଜେନାପୁର ରାସ୍ତାରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ହିମାଂଶୁ ନିକଟରୁ ୮୦ ଲିଟର ଦେଶୀ ମଦ ସମେତ ସେ ବ୍ୟବହୃତ କରିଥିବା ବାଇକ୍‌କୁ ଜବତ କରିଥିଲେ। ଅବକାରୀ ବିଭାଗ ପକ୍ଷରୁ ୨୦୩/୨୪ରେ ଏକ ମାମଲା ରୁଜୁ କରି ହିମାଂଶୁକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ଉରେ ଯାଜପୁର ଅବକାରୀ ସୁପରିଟେଣ୍ଡେଣ୍ଟ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ସୁପରିଟେଣ୍ଡେଣ୍ଟ ଅନୀତା ଓଝା, ଏସଆଇ ଜୟନ୍ତୀ ଆଚାର୍ଯ୍ୟ, ଏଏସଆଇ ଗୟାଧର ସେଠୀ, ସରୋଜ କୁମାର ବେହେରା, କନେଷ୍ଟବଳ ଶିଶିର ପ୍ରଧାନ, ରିତାରାଣୀ ସେଠୀ ପ୍ରମୁଖ ସାମିଲ ଥିଲେ।

## ୱାର୍ଡମେମ୍ବରଙ୍କୁ କଟୁରି ଚୋଟ



**ମଙ୍ଗଳପୁର, ୨୪।୨(ସମିସ):** ମଙ୍ଗଳପୁର ଥାନା କନିକାପଡା ପଞ୍ଚାୟତ ୨ନଂ ୱାର୍ଡ ସଭ୍ୟ ନରେଶ ରାଉତଙ୍କୁ ଆଜି ସନ୍ଧ୍ୟା ୮.୩୦ ମିନିଟ୍ ସମୟରେ ସେହି ଗ୍ରାମର ବିଜୟ ସେଠୀ ଏକ କଟୁରୀରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ନରେଶ ବଜାରରୁ ଘରକୁ ଫେରୁଥିବାବେଳେ ବିଜୟ ତାଙ୍କୁ କଟୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲା। ନରେଶଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ମଙ୍ଗଳପୁର ପୁଲିସ ଅଭିଯୁକ୍ତ ବିଜୟର ଭାଇ ଓ ବାପାକୁ ଥାନାକୁ ଡକାଇ ପଚରାଉଚରା କରୁଛି। ତେବେ ଏହି ଆକ୍ରମଣର ପ୍ରକୃତ କାରଣ ଜଣାପଡି ନ ଥିଲେ ହେଁ ପୂର୍ବ ବିବାଦରୁ ଏଭଳି ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ମୋବାଇଲ ଜବତ, ୩ ଲୁଟେରା କୋର୍ଟ ଚାଲାଣ

**କୁଆଖିଆ, ୨୪।୨ (ସମିସ):** କୁଆଖିଆ ଥାନା ଅନ୍ତର୍ଗତ କଳଣସ୍ଥ ମଧୁପୁର କଲେଜ ଛାତ୍ରୀଙ୍କଠାରୁ ୩ ଜଣ ଲୁଟେରା ମୋବାଇଲ ଛଡ଼ାଇ ନେଇଥିଲେ। ଗତ ଅକ୍ଟୋବର ମାସରେ ଏହି ଘଟଣା କଲେଜ ସମ୍ମୁଖରେ ଘଟିଥିଲା। ଏ ନେଇ ଛାତ୍ରୀ ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡଙ୍ଗ ଗ୍ରାମର ଅର୍ପିତା ଖଟୁଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ପକ୍ଷରୁ ଥାନାରେ ୩୬୭/୨୩ରେ ମାମଲା ରୁଜୁ କରାଯାଇଥିଲା। ପୁଲିସ ଅଭିଯୁକ୍ତଙ୍କ ମୋବାଇଲ ଓ ଚୋରି ହୋଇଥିବା ମୋବାଇଲ ଅବସ୍ଥିତିକୁ ଟ୍ରାକିଂ କରି ସେମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଏହି କ୍ରମରେ ପୁଲିସ ୩ ଜଣ ଅଭିଯୁକ୍ତ ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଫୁଲାଡି ଗ୍ରାମର ନରେନ୍ଦ୍ର ରାଉତ(୨୩) ଓ ବେତଣ୍ଡା ଗ୍ରାମର ଦିବାକର ସ୍ୱାଇଁ, କୁଆଖିଆ ଥାନା ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତର ରଞ୍ଜନ ପ୍ରଧାନଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଚୋରି ହୋଇଥିବା ମୋବାଇଲକୁ ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

● ଯମଧରରେ ସଚେତନତା ଶିବିର

# ବିକାଶର ଅନ୍ୟନାମ 'ଆମ ଓଡ଼ିଶା ନବୀନ ଓଡ଼ିଶା'

**ଯାଜପୁର, ୨୪।୨(ସମିସ)**

ଯାଜପୁର ବ୍ଲକ ଅନ୍ତର୍ଗତ ଯମଧର ପଞ୍ଚାୟତର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଡ଼ିଆରେ ଯମଧର ପଞ୍ଚାୟତର 'ଆମ ଓଡିଶା ନବୀନ ଓଡିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିକାଶର ଅନ୍ୟ ନାମ ଆମ ଓଡ଼ିଶା ନବୀନ ଓଡ଼ିଶା ବୋଲି ଏହି ଶିବିରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏ ଉପଲକ୍ଷେ ଆୟୋଜିତ ସଭାରେ ଯାଜପୁର ବ୍ଲକ ବିଜୁ ଜନତା ଦଳ ସଭାପତି ପରେଶ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ଯାଜପୁର ବିଜୁ ଜନତା ଦଳର କର୍ମୀ ତଥା ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ଉପସ୍ଥିତିରେ ଯମଧର ପଞ୍ଚାୟତର ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ବହୁ ପ୍ରକଳ୍ପର ରୂପାନ୍ତରଣ ନିମନ୍ତେ ସରକାର କୋଟି କୋଟି ଟଙ୍କା ବ୍ୟୟବରାଦ କରିଥିବା କଥା ମୁଖ୍ୟଅତିଥି କର୍ଣ୍ଣାଟ କେଶରୀ ଦାସ ଘୋଷଣା କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଅନୀଲ କୁମାର ସାହାଣୀ ଯୋଗ ଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଓ କୃଷକର ଉନ୍ନତି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ଭବ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଯାଜପୁର ବିଧାୟକଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ଯାଜପୁର ବ୍ଲକ ବିଜେଡି ଉପସଭାପତି ଗଣେଶ ଚନ୍ଦ୍ର ମହାକୁଡ଼ ନିଜ ଅଭିଭାଷଣରେ ସ୍ୱର୍ଗତ ବିଜୁ ପଟ୍ଟନାୟକ ଯାଜପୁରକୁ ଜିଲ୍ଲାର ମାନ୍ୟତା ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯାଜପୁର ଓ ଯାଜପୁରବାସୀଙ୍କୁ ଭଲ ପାଇବାରୁ ଯାଜପୁର ବ୍ଲକ ସମେତ ସମଗ୍ର ଯାଜପୁର ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଉନ୍ନତି ନିମନ୍ତେ ଯାହା ଆବଶ୍ୟକ ତାହା ଯୋଗାଇ ଦେଉଛନ୍ତି ବୋଲି କହିଥିଲେ। ଦଳର ସମ୍ପାଦକ ଅମରେନ୍ଦ୍ର ମିଶ୍ର ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଯାଜପୁରର ଭୌଗୋଳିକ ଚିତ୍ର ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ବୋଲି ପ୍ରକାଶ କରିଥିଲେ। ବିଜୁ ଯୁବ ଜନତା ଦଳ ସଭାପତି ଅଜୟ ମହାନ୍ତି ସମସ୍ତେ ନିଜକୁ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଦେବାଶିଷ ପଣ୍ଡା ସମଗ୍ର ଓଡ଼ିଶାର ଉନ୍ନତି ନିମନ୍ତେ ନିଃସ୍ୱାର୍ଥପର ସେବାରେ ନିଜକୁ ନିୟୋଜିତ କରିବାକୁ କହିଥିଲେ। ସ୍ଥାନୀୟ ସରପଞ୍ଚ ବାଦଲ ଖୁଣ୍ଟିଆ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସମିତି ସଭ୍ୟ ସେଖ୍ ମୋଜାହିଦ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମରଜିତ ପୃଷ୍ଟି, ଫିରୋଜ ବାଦଶାହା, ଅଶୋକ ମହାନ୍ତି, ଅମିତ ରାଉତ, ବ୍ରଜ କିଶୋର ପାଢ଼ୀ, ପ୍ରଦୀପ ନାୟକ, ସୁଧାଂଶୁ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ୩୦ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସୁନୀତା ରାଉତ ଧନ୍ୟବାଦ ଦେଇଥିଲେ।





ମା' ବିରଜା ମନ୍ଦିର ସମ୍ମୁଖରେ ଅଗ୍ନି ଉତ୍ସବ

## ମୋବାଇଲ ଚୋର ଗିରଫ

**ବାଲିଚନ୍ଦ୍ରପୁର, ୨୪।୨(ସମିସ):** ବାଲିଚନ୍ଦ୍ରପୁର ପୁଲିସ ମୋବାଇଲ ଚୋରି ଅଭିଯୋଗରେ ଜଣକୁ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗତ ମାସ ୨୬ ତାରିଖ ଦିନ ବାଲିଚନ୍ଦ୍ରପୁର ଖେଳ ପଡ଼ିଆରେ କେତେକ ପିଲା ଖେଳୁଥିବା ସମୟରେ ପଣସପୁର ଗ୍ରାମର ରବୀନ୍ଦ୍ର ସାହୁଙ୍କ ପୁଅ ବିଶ୍ୱଜିତ୍ ସାହୁଙ୍କ ଏକ ଦାମି ମୋବାଇଲ ଚୋରି ହୋଇଯାଇଥିଲା। ଏ ନେଇ ବିଶ୍ୱଜିତ୍ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମୋବାଇଲକୁ ଟ୍ରାକ କରି ଶନିବାର ବାଲିଚନ୍ଦ୍ରପୁର ପୁଲିସ ବରୀ ଥାନା ଅନ୍ତର୍ଗତ ରତ୍ନଗିରି ଅଞ୍ଚଳର ଉତ୍ତମ ପଲେଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରିଣୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ମହିଳା ଆହତ

**ଟମକା ୨୪।୨(ସମିସ):** ସ୍ଥାନୀୟ ଟମକା ବଜାରରେ ସନ୍ଧ୍ୟା ସମୟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ମହିଳା ଆହତ ହୋଇଥିବା ଜଣାପଡିଛି। ଢୁବୁରୀ ପଟୁ ଆସୁଥିବା ଏକ ବାଇକ୍ ଆରୋହୀଙ୍କ ଟମକା ଛକରେ ବେପରୁଆ ଚାଳନା ଯୋଗୁଁ ପଛରେ ବସିଥିବା ମହିଳା ରାସ୍ତାରେ ଛିଟିକି ପଡିଥିଲେ। ଛକରେ ଉପସ୍ଥିତ ଥିବା ଲୋକେ ମହିଳା ଓ ବାଇକ୍ ଆରୋହୀଙ୍କୁ ରାସ୍ତାରୁ ଉଦ୍ଧାର କରିଥିଲେ। ମହିଳା ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କ ଘର କେନ୍ଦୁଝର ବୋଲି ବାଇକ୍ ଆରୋହୀ ପ୍ରକାଶ କରିଥିଲେ। ମେଡ଼ିକାଲରେ ଚିକିତ୍ସା କରି ଘରକୁ ନେବେ ବୋଲି ସୂଚନା ଦେଇଛନ୍ତି।

## ସଂକୀର୍ତ୍ତନ ବିବାଦକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ, ୫ ଗୁରୁତର

**ଦଶରଥପୁର/କୟାଁଗୋଲା ,୨୪।୨ (ସମିସ)**



ଦଶରଥପୁର ବ୍ଲକ ତଥା ମଙ୍ଗଳପୁର ଥାନା ଅନ୍ତର୍ଗତ ପାଲଟପର ପଞ୍ଚାୟତ ସାଠିବାଟି ଗ୍ରାମର ମଲ୍ଲିକ ସାହିରେ ବାର୍ଷିକ କୀର୍ତ୍ତନକୁ ନେଇ ଗୋଷ୍ଠୀ ସଂଘର୍ଷରେ ୩ ମହିଳା ଓ ୨ ଜଣ ପୁରୁଷ ଗୁରୁତର ଭାବେ ଆହତ ହୋଇଥିବା ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ୨ ଜଣ କଟକ ସ୍ଥାନାନ୍ତର ହୋଇଛନ୍ତି।

ଅଭିଯୋଗ ମୁତାବକ, ସାଠିବାଟି ଗ୍ରାମର ମଲ୍ଲିକ ସାହିରେ ପ୍ରତିବର୍ଷ କୀର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ କୀର୍ତ୍ତନ ସ୍ଥାନ ଚୟନକୁ ନେଇ ସାହିରେ ବିବାଦ ରହିଥିଲା। ଏହି ବିବାଦକୁ ସମାଧାନ ପାଇଁ ଶନିବାର ରାତି ୭ଟାରେ ବୈଠକ ବସିଥିବାବେଳେ ନିର୍ଦ୍ଦିଷ୍ଟ ସ୍ଥାନକୁ ନେଇ ବିବାଦ ଉଗ୍ର ରୂପ ନେଇଥିଲା। ପ୍ରଥମେ କଥା କଟାକଟି ଓ ପରେ ଠେଲାପେଲା ହୋଇ ବୈଠକ ଭଣ୍ଡୁର ହୋଇଯାଇଥିଲା। ସ୍ଥାନୀୟ କିଛି ମୁରବୀ ବ୍ୟକ୍ତି ସମସ୍ତଙ୍କୁ ବୁଝାସୁଝା କରି ଘରେ ରହିବାକୁ କହିବା ପରେ ସମସ୍ତେ ନିଜ ନିଜ ଘରକୁ ଯାଉଥିବାବେଳେ ମଲ୍ଲିକ ସାହିର ବାବୁ ମଲ୍ଲିକ, ଟିକି ମଲ୍ଲିକ, ଦୀପକ ମଲ୍ଲିକ ଓ ଚନ୍ଦନ ମଲ୍ଲିକ ନିଜ ଘର ଉପରୁ ଇଟା ଓ ପଥର ମାଡ଼ କରିବାରୁ ରାସ୍ତା .ଲି .ଲି ଘରକୁ ଯାଉଥିବା ମଲ୍ଲିକ ସାହିର ମନୋଜ ମଲ୍ଲିକ, ଭାରତୀ ମଲ୍ଲିକ ସୀତା ମଲ୍ଲିକ, ଜୁଡି ମଲ୍ଲିକ, ରବି ମଲ୍ଲିକ ଗୁରୁତର ଭାବେ ଆହତ ହୋଇଥିଲେ। ସମସ୍ତଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ଏ ଘଟଣାକୁ ନେଇ ସାହିରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ସମସ୍ତ ଆହତଙ୍କୁ ପରିବାର ଲୋକେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ ସେମାନଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳପୁର ଥାନାରେ ଆହତ ପରିବାରଙ୍କ ପକ୍ଷରୁ ଅଭିଯୁକ୍ତଙ୍କ ନାମରେ ଲିଖିତ ଅଭିଯୋଗ ପରେ ମଙ୍ଗଳପୁର ଥାନାଧିକାରିଣୀ ଚିନ୍ମୟୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ବାବୁ ମଲ୍ଲିକ, ଟିକି ମଲ୍ଲିକ, ଦୀପକ ମଲ୍ଲିକ ଓ ଚନ୍ଦନ ମଲ୍ଲିକଙ୍କୁ ଅଟକ ରଖାଯିବା ସହିତ ଗଣ୍ଡଗୋଳର ଅଧିକ ତଦନ୍ତ ଜାରି ରହିଛି।

● କରଦା ହରିହାଟ ମହୋତ୍ସବର ଷଷ୍ଠ ସନ୍ଧ୍ୟା

## ଘୋଡ଼ାନାଚରେ ଝୁମିଲେ ଦର୍ଶକ

**ଷଠିପୁର, ୨୪।୨(ସମିସ):** କୋରେଇ ବ୍ଲକର କରଦା ପଞ୍ଚାୟତର ଗଣପର୍ବ ହରିହାଟ ମହୋତ୍ସବର ଷଷ୍ଠ ଦିବସରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। କମିଟିର ଅତିରିକ୍ତ ସମ୍ପାଦକ ଦୁର୍ଗାପ୍ରସନ୍ନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୋରେଇର ପୂର୍ବତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ ଯୋଗ ଦେଇ ମେଳା ଓ ମହୋତ୍ସବ ଆୟୋଜନରେ କମିଟିର ସମସ୍ତ ସଦସ୍ୟଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର କିନ୍ନର ସଂଘ ସଭାପତି କାଜଲ ନାୟକ, ସମ୍ପାଦକ ଲଭଲୀ ସାହୁ, ସମାଜସେବୀ ସୂର୍ଯ୍ୟମଣି ପଣ୍ଡା, ବ୍ୟଙ୍ଗକବି ବାଇଧର ମାଝୀ, ଅବସରପ୍ରାପ୍ତ ଶିକ୍ଷକ



ହୃଦାନନ୍ଦ ନାୟକ, ଯୁବ ବିଜେଡି ସମ୍ପାଦକ ସ୍ୱପ୍ନାନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସଭାପତି ପ୍ରମୋଦ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ପରେ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପ୍ରେରିତ ଯାଜପୁର ଜିଲ୍ଲା ଦଶରଥପୁରର କୈଳାସ ବେହେରା ଓ ସାଥିଙ୍କ ଦ୍ୱାରା ଘୋଡ଼ାନାଚ ପରିବେଷଣ କରାଯାଇଥିଲା। ମହୋତ୍ସବର ପ୍ରଚାର ଓ ପ୍ରସାର ନିମନ୍ତେ ସାମ୍ବାଦିକ ପ୍ରକାଶ ରାଉତ, ଜନ୍ମେଜୟ ଦାସ, ସନ୍ତୋଷ ସାହୁ, ମାନସ ରଂଜନ ଧଳ, ପ୍ରଦୀପ ମାଝୀ ଓ ମନୋଜ ସାହୁଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ଓରମାସ ଓ ନାବାଡର୍ ଦ୍ୱାରା ପକାଯାଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହିତ ଜିଲ୍ଲା ଓ ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟିକ ଷ୍ଟଲଙ୍କ ନିକଟରେ କ୍ରେତାଙ୍କ ଭିଡ଼ ଜମିଥଲା।

## ଆଦର୍ଶ ଶିକ୍ଷକ ନୟନ ମହାନ୍ତିଙ୍କ ପରଲୋକ

**ଧର୍ମଶାଳା,୨୪।୨ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ନୟନ ରଞ୍ଜନ ମହାନ୍ତି(୯୩)ଙ୍କ ଶନିବାର ପୂର୍ବାହ୍ନରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ମଧୁବନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଜୀବନ ଆରମ୍ଭ କରି ସେଠାରୁ ଅବସର ଗ୍ରହଣ କରିଥିଲେ। ଖରା, ବର୍ଷା ଓ ଶୀତରେ ସେ ପ୍ରତ୍ୟେହ ସ୍କୁଲକୁ ଦୀର୍ଘ ୧୫ କିଲୋମିଟର ଚାଲି ଚାଲି ଯାଉଥିଲେ ଓ ଆସୁଥିଲେ । ଅବସର ପରେ ସେ ଘରେ ରହି ଗରିବ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରୁଥିଲେ। ସେ ମଧ୍ୟ ଜଣେ ଶିଶୁ ସାହିତ୍ୟିକ ଭାବେ ପରିଚିତ। ତାଙ୍କ ଲେଖା ଦୈନିକ ଖବରକାଗଜ ଓ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶାନ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ଜଳଧର ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସିଂ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, କାହ୍ନୁଚରଣ ଦାଶ, ବେଣୁଧର ନାୟକ, ବସନ୍ତ କୁମାର ପରିଡା, ଅର୍ଜୁନ ପୃଷ୍ଟି, ମଦନମୋହନ ନାୟକ, ଶ୍ରୀକାନ୍ତ ସାହୁ ବେଣୁଧର ଦୋବାଇ, ଗୋଲକ ଚନ୍ଦ୍ର ପଲେଇ ପ୍ରମୁଖ ବଡମଙ୍ଗଳପୁରସ୍ଥ ତାଙ୍କ ଶାନ୍ତି ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡପୁଅ ମନୋରଞ୍ଜନ ମହାନ୍ତି ମୁଖାଗ୍ନି ଦେଇଥିଲେ।

# ଓଲାଶୁଣୀ ଗୁମ୍ଫାମେଳା ପ୍ରଶାସକଙ୍କୁ ସମ୍ବର୍ଦ୍ଧନା ଓ ପଡ଼ିଆ ସଫେଇ

**କୁନ୍ଦଳ,୨୪।୨(ସମିସ)**




ଓଡ଼ିଶା ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫାମେଳା ଫେବୃଆରୀ ୬ରୁ ଆରମ୍ଭ ହୋଇ ୧୬ ତାରିଖରେ ଶେଷ ହୋଇଥିଲା। ଓଡ଼ିଶାରୁ କୋଣ ଅନୁକୋଣରୁ ଲକ୍ଷ୍ୟାଧିକ ଜନସମାଗମ ଦୈନିକ ହେଉଥିଲା। ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ଚଣା ବ୍ଲକ, ଦର୍ପଣ ତହସିଲ, ବାଲିଚନ୍ଦ୍ରପୁର ଥାନା, ଚଣ୍ଡିଖୋଲ ଗ୍ରାମୀୟ ଜଳଯୋଗାଣ ବିଭାଗ, ଚଣ୍ଡିଖୋଲ ଅଗ୍ନିଶମ ବିଭାଗ, ବାଲିଚନ୍ଦ୍ରପୁର ବିଦ୍ୟୁତ୍ ବିଭାଗ, ପଲେଇ ପଞ୍ଚାୟତ ପ୍ରଭୃତି ଅନେକ ସରକାରୀ କାର୍ଯ୍ୟାଳୟ ଅସ୍ଥାୟୀ ଭାବେ ସେମାନଙ୍କ ବିଭାଗ ମେଳାରେ ଖୋଲି ସୁଚାରରୂପେ ମେଳା କାର୍ଯ୍ୟ ସମ୍ପାଦନ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ଦର୍ପଣ ତହସିଲଦାରଙ୍କ ତତ୍ତ୍ୱାବଧାନରେ ବାଲିଚନ୍ଦ୍ରପୁର ଥାନା ବିଶେଷ ଭାବେ ଆଇନଶୃଙ୍ଖଳା ପରିଚାଳନା କରିଥିଲେ। ଓଲାଶୁଣୀ ଗୁମ୍ଫାମେଳା ବଡ଼ଚଣା ବ୍ଲକ ପଲାଇ ପଞ୍ଚୟେତରେ ସମ୍ପୂର୍ଣ୍ଣ ଭାବେ ଯାଉଥିବାରୁ ପ୍ରଶାସନକୁ ପଞ୍ଚାୟତ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେଇଥିଲେ। ସମସ୍ତଙ୍କ ସହଯୋଗରେ ପ୍ରଶାସନ ଓଲାଶୁଣୀ ଗୁମ୍ଫାମେଳାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିଥିଲା। କିନ୍ତୁ ମେଳା ସରିବା ପରେ ମେଳା ପଡ଼ିଆ ସମ୍ପୂର୍ଣ୍ଣ ବର୍ଜ୍ୟବସ୍ତୁରେ ଭରପୁର ହୋଇ ଆବର୍ଜନା ପଡ଼ିରହିଥିଲା। ଏଥିନେଇ ପଲାଇ ପଞ୍ଚାୟତ ପକ୍ଷରୁ ମେଳାର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ମେଳା ପଡ଼ିଆକୁ ସଫା କରାଯିବା ସହ ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶନିବାର ମେଳା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି।

ସମାଜସେବୀ ଅଶୋକ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଓଲାଶୁଣୀ ମଠ ମଠାଧୀଶ ମହନ୍ତ ଡଃ ନାମାନନ୍ଦ ଦାସ ଉଦଘାଟନ କରିଥିଲେ। ଅତିଥି ଭାବେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ବାଲିଚନ୍ଦ୍ରପୁର ଥାନାଧିକାରିଣୀ ପ୍ରମୋଦିନୀ ସାହୁ, ଗ୍ରାମୀଣ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା ଓ ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ସମାଜସେବୀ ରୁଦ୍ରନାରାୟଣ ସିଂହ, ସମାଜସେବୀ ଶ୍ରୀକାନ୍ତ ରାଉତ ପ୍ରମୁଖ ଯୋଗ ଦେଇଥିବାବେଳେ ପଲାଇ ସରପଞ୍ଚ ଆରତୀ ବେହେରା ଉପସ୍ଥିତ ରହି ମହନ୍ତ ମହାରାଜଙ୍କୁ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ବିକ୍ରମ କେଶରୀ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପିଇଓ ମହାଶ୍ୱେତା ମହାରଣା, ଜିଆରଏସ ଭାରତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ବିଡିଓ ଶ୍ରୀ ପ୍ରଧାନ, ତହସିଲଦାର ଶ୍ରୀ ତ୍ରିପାଠୀ, ଆଇଆଇସି ଶ୍ରୀମତୀ ସାହୁ, କନିଷ୍ଠ ଯନ୍ତ୍ରୀ ଶ୍ରୀ ମହାରଣାଙ୍କୁ ପଞ୍ଚାୟତ ପକ୍ଷରୁ ମହନ୍ତ ଡଃ ନାମାନନ୍ଦ ଦାସ ପୁଷ୍ପମାଲ୍ୟ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପଲାଇ ପଞ୍ଚାୟତର ଉକ୍ତ କାର୍ଯ୍ୟକ୍ରମକୁ ଅରକ୍ଷିତ ସେବା ସଂଗଠନ ମିଳିତ ସହାୟତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ସାମଲ, ନିଶିକାନ୍ତ ମହାନ୍ତି, ମନୋଜ ପ୍ରଧାନ, ଉପେନ୍ଦ୍ର ସାମଲ, ଗୋକୁଳାନନ୍ଦ ମଲ୍ଲିକ, ଲଲାଟ କେଶରୀ ସାମଲ ପ୍ରମୁଖ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ପାଣିକୋଇଲି, ବିଞ୍ଝାରପୁର, ଜାରକା ଓ ଚଣ୍ଡିଖୋଲକୁ ଏନ୍‌ଏସି ମାନ୍ୟତା

# ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷଙ୍କୁ ଜିଲ୍ଲାବାସୀଙ୍କ କୃତଜ୍ଞତା

## ଜିଲ୍ଲା ବ୍ୟାପୀ ଖୁସିର ମାହୋଲ

## ବାଣ ଫୁଟାଇ, ମିଠା ଖୁଆଇ ଉତ୍ସବ ପାଳନ

ଯାଜପୁର ୨୪।୨(ସମିସ): ଆଜି ରାଜ୍ୟ ସରକାର ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ରାଜ୍ୟର ମୋଟ ୩୪ଟି ଏନଏସି ବା ବିଜ୍ଞାପିତ ପରିଷଦ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ସେଥିମଧ୍ୟରୁ ଯାଜପୁର ଜିଲ୍ଲାରେ ସର୍ବାଧିକ ୪ଟି ଏନଏସି ରହିଛି। ଚଣ୍ଡିଖୋଲ, ଜାରକା, ପାଣିକୋଇଲି ଓ ବିଂଝାରପୁରକୁ ଏନଏସି ଭାବେ ଘୋଷଣା କରାଯାଇଛି। ପୂର୍ବରୁ ଯାଜପୁର ଜିଲ୍ଲାରେ ବ୍ୟାସନଗର ଓ




ଯାଜପୁର ଦୁଇଟି ପୌରପାଳିକା ରହିଥିଲା। ଦିନକୁ ଦିନ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ସହରାଞ୍ଚଳର ସୁବିଧା ସୁଯୋଗ ଦେବା ଲକ୍ଷ୍ୟରେ ଏହି ଘୋଷଣା କରାଯାଇଛି। ଏ ସମସ୍ତ ଅଞ୍ଚଳକୁ ଏନଏସି ଭାବେ ଘୋଷଣା କରିବା ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଥିଲା। ମୁଖ୍ୟମନ୍ତ୍ରୀ ଆଜି ଏହି ଦାବିକୁ ଗ୍ରହଣ କରି ସମସ୍ତ ୪ଟି ଅଞ୍ଚଳକୁ ଏନଏସି ମାନ୍ୟତା ଦେଇଛନ୍ତି। ଆଜି ଏହା ଘୋଷଣା ହେବା ପରେ ଜିଲ୍ଲା ବ୍ୟାପୀ ଉତ୍ସବ ପାଳନ କରାଯାଇଛି। କେଉଁଠି ବାଣ ଫୁଟାଇ ତ କେଉଁଠି ପରସ୍ପରକୁ ମିଠା ଖୁଆଇ ଜିଲ୍ଲାବାସୀ ଉତ୍ସବ ପାଳନ କରିଛନ୍ତି। ଏ ନେଇ ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

**କୋରେଇ:** ଯାଜପୁର ଜିଲ୍ଲାର ପାଣିକୋଇଲି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ସେଥିପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଯାଜପୁର ନୂତନ ଜିଲ୍ଲା ଗଠନ ସମୟରେ ଏହାକୁ ସଦର ମହକୁମା କରାଯିବ ବୋଲି ଘୋଷଣା କରିଥିଲେ। ଏଥିସହିତ ଏହାକୁ ଯଯାତିନଗର ଭାବେ ନାମିତ କରାଯିବ ବୋଲି ମଧ୍ୟ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲା ସଦର ମହକୁମା ଯାଜପୁରକୁ ଯାଇଥିଲା। କିନ୍ତୁ ଗତ ୨୦୧୯ ଅକ୍ଟୋବର ୨ ତାରିଖ ଦିନ ପାଣିକୋଇଲିସ୍ଥ ଯଯାତି କ୍ଲବ ପରିସରରେ ଅନୁଷ୍ଠିତ ସଂକଳ୍ପ ଦିବସରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଏ ଅଞ୍ଚଳକୁ ଯଯାତିନଗରର ମାନ୍ୟତା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରଠାରୁ ପାଣିକୋଇଲି ଓ ଏହାର ଆଖପାଖ ଅଞ୍ଚଳର ବିକାଶ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଗୋଳେଇପୁର, ପାଣିକୋଇଲି, ପଥରପଦା, କରଦା ଓ ମାଳଆନନ୍ଦପୁର ଅଞ୍ଚଳକୁ ନେଇ ଯଯାତିନଗର(ପାଣିକୋଇଲି) ଏନଏସି ଗଠନ କରାଯିବ। ଆଜି ଏହା ଘୋଷଣା ହେବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବଙ୍ଗ, ବିହାର ଓ ଓଡ଼ିଶାକୁ ସଂଯୋଗ କରୁଥିବା ସ୍ଥାନ ଭାବେ ପରିଚିତ ଏହି ପାଣିକୋଇଲିକୁ ରାଜ୍ୟ ସରକାର ଆଜି ଏନଏସି ମାନ୍ୟତା ଦେବା ଘଟଣାକୁ ଦଳମତ ନିର୍ବିଶେଷରେ ସ୍ୱାଗତ କରାଯାଇଛି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସଂକଳ୍ପ ଓ ପ୍ରତିଶ୍ରୁତି ଆଜି ଫଳପ୍ରଦ ହୋଇଛି ବୋଲି ଚର୍ଚ୍ଚା ହେଉଛି।

ପାଣିକୋଇଲିକୁ ବିଜ୍ଞାପିତ ପରିଷଦ ଅଞ୍ଚଳ ଭାବେ ଘୋଷଣା କରିବାକୁ ବହୁତ ଦିନରୁ ଦାବି ହୋଇଆସୁଥିଲା। ବିଜୁ ଜନତା ଦଳର ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକଶ ଦାସଙ୍କ ଉଦ୍ୟମରେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଆଜି ଏହି ଅଞ୍ଚଳକୁ ବିଜ୍ଞାପିତ ପରିଷଦ ଭାବେ ଘୋଷଣା କରିଥିବାରୁ ଆମେ ଆନନ୍ଦ ତଥା ଗର୍ବ ଅନୁଭବ କରୁଛୁ। ଏହାଦ୍ୱାରା ଅଞ୍ଚଳର ବିକାଶ ହେବା ସହିତ ଲୋକମାନେ ବହୁ ସୁବିଧା ପାଇପାରିବେ।

- ବନୋଜ କୁମାର ଜେନା, ସମାଜସେବୀ

ପାଣିକୋଇଲିକୁ ବିଜ୍ଞାପିତ ପରିଷଦ ଅଞ୍ଚଳ ଭାବେ ଘୋଷଣା କରିବା ଗର୍ବ ଓ ଗୌରବର ବିଷୟ। ବହୁ ଦିନ ହେଲା ଦାବି ହୋଇଆସୁଥିଲା। ଏହା କେବଳ ସମ୍ଭବ ହୋଇପାରିଛି ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପାଇଁ। ଏଥିପାଇଁ ମୋ ପକ୍ଷରୁ ତାଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ଏହାଦ୍ୱାରା ଏ ଅଞ୍ଚଳର ବିକାଶ ହେବା ସହିତ ଜନସାଧାରଣଙ୍କର ଉନ୍ନତି ହୋଇପାରିବ।

- କାର୍ତ୍ତିକ ମଲ୍ଲିକ, ସମାଜସେବୀ

ପାଣିକୋଇଲିକୁ ବିଜ୍ଞାପିତ ପରିଷଦ ଅଞ୍ଚଳ ଭାବେ ଘୋଷଣା କରିବାକୁ ଏ ଅଞ୍ଚଳର ବୁଦ୍ଧିଜୀବୀ ବହୁ ଦିନରୁ ଦାବି କରିଆସୁଥିଲେ। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଉଦ୍ୟମରେ ଏହା ସଫଳ ହୋଇଥିବାରୁ ମୁଁ ତାଙ୍କୁ ଶୁଭେଚ୍ଛା ଜଣାଉଛି। ବହୁତ ଦିନର ଆଶା ପୂରଣ ହେଇଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ବହୁ ବିକାଶ ହେବା ସହିତ ଆଗାମୀ ଦିନରେ ଏହାର ରୂପାନ୍ତର ଘଟି ଏକ ଚାକଚକ୍ୟ ସହର ଭାବେ ଶୋଭା ପାଇବ।

- ଅଶୋକ ପଣ୍ଡା, ବରଷ୍ଠ ବିଜେଡି ନେତା







### ବଡ଼ଚଣା

ଦୀର୍ଘ ବର୍ଷ ହେଲା ଚଣ୍ଡିଖୋଲକୁ ଏନଏସି ମାନ୍ୟତା ପାଇଁ ଅଞ୍ଚଳବାସୀ, ବିଭିନ୍ନ ଅନୁଷ୍ଠାନ ଓ ବିଭିନ୍ନ ରାଜନୈତିକ ଦଳର ନେତୃବର୍ଗ ଦାବି କରିଆସୁଥିଲେ। ବହୁବାର ଆନ୍ଦୋଳନ, ରାସ୍ତାରୋକ ଓ ସରକାରଙ୍କୁ ଓ ସ୍ଥାନୀୟ ବିଧାୟକଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ରାଜ୍ୟ ସରକାର ବିଭିନ୍ନ ସମୟରେ ହୋଇଥିବା ଦାବିକୁ ମାନି ଚଣ୍ଡିଖୋଲକୁ ନିଶ୍ଚୟ ଏନଏସି ମାନ୍ୟତା ପ୍ରଦାନ କରାଯିବ ବୋଲି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ମାଧ୍ୟମରେ ଜଣାଉଥିଲେ। ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଚଣ୍ଡିଖୋଲକୁ ଏନଏସି ମାନ୍ୟତା ଘୋଷଣା ହେବା ପରେ ବଡଚଣା ନିର୍ବାଚନ ମଣ୍ଡଳୀ ତଥା ଚଣ୍ଡିଖୋଲ ଅଞ୍ଚଳରେ ଜନସାଧାରଣଙ୍କ ଭିତରେ ଆନନ୍ଦର ଲହରି ଖେଳିଯାଇଛି। ବିଭିନ୍ନ ସ୍ଥାନରେ ଲୋକମାନେ ଆନନ୍ଦ ଉଲ୍ଲାସର ସହ ଆତସବାଜି ଫୁଟାଇ ନବୀନ ପଟ୍ଟନାୟକ ଜିନ୍ଦାବାଦ, ବିଧାୟକ ଅମର ପ୍ରସାଦ ଶତପଥୀ ଜିନ୍ଦାବାଦ, ଦୀର୍ଘଦିନର ଦାବି ପୂରଣ ହେଲା, ଚଣ୍ଡିଖୋଲ ଏନଏସି ମାନ୍ୟତା ପାଇଲା ନାରା ଦେଇଥିଲେ। ଚଣ୍ଡିଖୋଲଠାରେ ପଲ୍ଲୀ ମଙ୍ଗଳ ସେବା ସମିତିର ସଭାପତି ସଞ୍ଜୟ କୁମାର ସ୍ୱାଇଁ, ୱାର୍ଡ ସଭ୍ୟ ପ୍ରକାଶ ରାଉତ, ବୈକୁଣ୍ଠ ସାହୁ, ସାମ୍ବାଦିକ ପ୍ରଶାନ୍ତ ଜେନା, ପ୍ରିୟବ୍ରତ ଖିଲାର, ପ୍ରଦୀପ୍ତ ନାୟକ, ରମେଶ ଜେନା, ରାକେଶ ବିଶ୍ୱାଳ, ଲିପ୍ତିକାନ୍ତ ମାହାଲା, ସୁଧୀର ଦାସ ପ୍ରମୁଖ ଚଣ୍ଡିଖୋଲ ବୁଦ୍ଧ ମୂର୍ତ୍ତି ପାଖରେ ବାଣ ଫୁଟାଇ ରାସ୍ତାରେ ଯାଉଥିବା ଯାତ୍ରୀମାନଙ୍କୁ ମିଠା ବାଣ୍ଟିଥିଲେ। ସେହିପରି ବଡଚଣା ବିଜେଡ଼ି ସଭାପତି ଅରବିନ୍ଦ ସାମଲ, ପଞ୍ଚାୟତର ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ଯତିନ୍ଦ୍ର ପ୍ରସାଦ ନାୟକ, ସରପଞ୍ଚ ନବଦୀପ ନାୟକ, ରାଜଲକ୍ଷ୍ମୀ ମହାନ୍ତି, ଯଯାତୀ କେଶରୀ ରାଉତ, ରଞ୍ଜନ କୁମାର ଦାସ, ମୀନକେତନ ସେଠୀ, ସମିତି ସଭ୍ୟ ଜଗନ୍ନାଥ ମୁଦୁଲି, ମଧୁସୂଦନ ବଳ, ରବୀନ୍ଦ୍ର ସେଠୀ, ଶ୍ରୀବତ୍ସ ବିଶ୍ୱାଳ, ସାମ୍ବାଦିକ ଦିଲୀପ ମହାନ୍ତି, ମୋହନ ଖିଲାର, ପ୍ରସନ୍ନ ବିଶ୍ୱାଳ, ସମରେନ୍ଦ୍ର ମାହାଲା, ଶେଖ ସବିରୁଦ୍ଦିନ, ବଣିକ ସଂଘ ସଭାପତି କ୍ଷୀରୋଦ ମାହାଲା, ପ୍ରେସ କ୍ଲବ ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତି, ଶିକ୍ଷକ ନେତା ତଥା ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା, ଆଇନଜୀବୀ ଦେବରାଜ ବେହେରା ଓ ଚଣ୍ଡିଖୋଲ ଅଞ୍ଚଳର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନର ସଦସ୍ୟ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନ, ବିଧାୟକ ଅମର ପ୍ରସାଦ ଶତପଥୀ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ବଡଚଣାର ବିକାଶ ପାଇଁ ଗୁରୁତ୍ୱ ଦେଇଆସିଛନ୍ତି। ବଡଚଣାବାସୀଙ୍କ ଦୀର୍ଘବର୍ଷର ଦାବି ଆଜି ପୂରଣ ହୋଇଛି। ଏଥିପାଇଁ ବଡଚଣାବାସୀ ହିସାବରେ ଆମେ ଆଜି ଗର୍ବିତ। ସେଥିପାଇଁ ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷ ଓ ବଡଚଣା ବିଧାୟକଙ୍କୁ ଯେତେ ଧନ୍ୟବାଦ ଦେଲେ କମ୍ ହେବ।

-ଗଣେଶ୍ୱର ବରାଳ, ଉପାଧ୍ୟକ୍ଷ, ଯାଜପୁର ଜିଲ୍ଲା ପରିଷଦ




### ବିଞ୍ଝାରପୁର

ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଓଡ଼ିଶାର ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ ଭାବେ ରହିଆସିଛି। ଏହି ନିର୍ବାଚନ ମଣ୍ଡଳୀର ପ୍ରତିନିଧିତ୍ୱ କରୁଥିବା ବିଧାୟକ ମନ୍ତ୍ରୀ ପଦରେ ରହିଛନ୍ତି। ପ୍ରମିଳା ମଲ୍ଲିକ ମନ୍ତ୍ରୀ ପଦ ସହିତ ବିଧାନସଭାର ମର୍ଯ୍ୟାଦା ସମ୍ପନ୍ନ ବାଚସ୍ପତି ପଦରେ ବସି ବିଞ୍ଝାରପୁର ମାଟିକୁ ଗୌରବାନ୍ୱିତ କରିଛନ୍ତି। ଏଭଳି ଏକ ପୁରାତନ ଅଞ୍ଚଳକୁ ବିଜ୍ଞାପିତ ପରିଷଦ (ଏନଏସି) ଘୋଷଣା କରାଯିବା ନିମନ୍ତେ ଅଞ୍ଚଳର ସଚେତନ ନାଗରିକ ଓ ବୁଦ୍ଧିଜୀବୀ ବହୁବାର ଦାବି ଉତ୍ଥାପନ କରିଛନ୍ତି। ଆଜି ରାଜ୍ୟ ସରକାର ଏହାକୁ ବିଜ୍ଞାପିତ ପରିଷଦ ଘୋଷଣା କରିବା ପରେ ଅଞ୍ଚଳବାସୀଙ୍କ ମନରେ ଆନନ୍ଦର ଜୁଆର ସୃଷ୍ଟି ହୋଇଛି। ତେବେ ବଞ୍ଝାରପୁର ଏନଏସି ଗଠନ ହେବା ନେଇ ଯେଉଁମାନଙ୍କ ଦାବି ବହୁବାର ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ତଥା ସ୍ଥାନୀୟ ପ୍ରଶାସନ ନିକଟରେ ବାରମ୍ବାର ପ୍ରସଙ୍ଗ ଉପସ୍ଥାପନ କରୁଥିଲେ ସେମାନେ ଆଜି ଖୁସି ମନାଇଛନ୍ତି।

ବିଞ୍ଝାରପୁର ଏକ ପୁରାତନ ଅଞ୍ଚଳ। ଏହାକୁ ଏନଏସି ଘୋଷଣା ପାଇଁ ଆମ୍ଭେ ବହୁବାର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛୁ। ବହୁଦିନର ବ୍ୟବଧାନ ପରେ ଆମ୍ଭମାନଙ୍କର ସେହି ଦାବି ସରକାରଙ୍କ ଦ୍ୱାରା ପରିପୂରିତ ହୋଇଥିବାରୁ ବହୁତ ଖୁସି ଅନୁଭବ କରୁଛୁ। ବିଞ୍ଝାରପୁରର ବିଧାୟିକା ଓ ରାଜ୍ୟ ସରକାରଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଉଛି। ତେବେ ଯେଉଁ ଅଞ୍ଚଳକୁ ଏନଏସି ଅନ୍ତର୍ଭୁକ୍ତ କରାଯିବା ପାଇଁ ଯୋଗ୍ୟ ବୋଲି ଦର୍ଶାଯାଇଥିଲା। ସେଗୁଡିକୁ ଗୁରୁତ୍ୱ ଦିଆଯିବା ଉଚିତ।

-ହରେକୃଷ୍ଣ ପଣ୍ଡା (ସ୍ତମ୍ଭକାର)

ବିଞ୍ଝାରପୁର ମାଟିର ଗୌରବ ବିଶ୍ୱସ୍ତରୀୟ। ଏହାକୁ ଏନଏସି ଘୋଷଣା କରାଗଲା। ଏହା ଅତ୍ୟନ୍ତ ଆନନ୍ଦଦାୟକ ଓ ଅଭିନନ୍ଦନୀୟ ବିଷୟ। ଏଥିପାଇଁ ପ୍ରଥମେ ସ୍ଥାନୀୟ ବିଧାୟିକା ତଥା ବାଚସ୍ପତି ପ୍ରମିଳା ମଲ୍ଲିକ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବି। ବିଞ୍ଝାରପୁରବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥାରେ ନିଶ୍ଚିତ ବ୍ୟାପକ ଉନ୍ନତି ହେବ ବୋଲି ମୁଁ ଆଶା କରୁଛି।

-ଅବଦୁଲ କାଦିର ଖାନ (ସମାଜସେବୀ)

ଦୀର୍ଘଦିନ ପରେ ହେଲେ ବି ଆମ୍ଭମାନଙ୍କର ସେହି ସ୍ୱପ୍ନ ଆଜି ପୂରଣ ହୋଇଛି। ବିଧାୟିକାଙ୍କ ଉଦ୍ୟମ ବିଞ୍ଝାରପୁରବାସୀଙ୍କୁ ଏହି ଉପହାର ହୋଇଥିବାରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରୁଛି।

-ସଇଫୁର ରହେମାନ (ସାମ୍ବାଦିକ)

ବିଞ୍ଝାରପୁରର ବିକାଶ ପଥରେ ନୂତନ ଭାବେ ଏନଏସି ଗଠନ ଭୂମିକା ନିଶ୍ଚୟ ନିର୍ଣ୍ଣାୟକ ହେବ। ସାଧାରଣ ମଣିଷର ବଞ୍ଚିବାର ତରିକାରେ ନିଶ୍ଚିତ ପରିବର୍ତ୍ତନ ହେବ। ସାମଗ୍ରିକ ବିକାଶର ଅନନ୍ୟ ବ୍ୟକ୍ତିତ୍ୱ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛି।

-ହରେକୃଷ୍ଣ ଦାସ (ସାମ୍ବାଦିକ ଓ ସମ୍ପାଦକ)

ବିଞ୍ଝାରପୁରକୁ ଏନଏସି ଘୋଷଣା ରାଜ୍ୟ ସରକାରଙ୍କ ଏକ ଅନନ୍ୟ ପଦକ୍ଷେପ। ବାଚସ୍ପତି ତଥା ଆମର ପ୍ରିୟ ବିଧାୟିକା ପ୍ରମିଳା ମଲ୍ଲିକ ବିଞ୍ଝାରପୁରକୁ ନୂତନ ରୂପରେ ଦେଖିବା ପାଇଁ ଯେଉଁ ଇଚ୍ଛା ପୋଷଣ କରିଛନ୍ତି, ତା'ର ରୂପ ହେବ ବିଞ୍ଝାରପୁର ବିଜ୍ଞାପିତ ପରିଷଦ।

-ସେକ ଓସିଉଲ୍ଲା (ବିଜୁ ଜନତା ଦଳ ନେତା)

### ଧର୍ମଶାଳା

ରାଜ୍ୟ ସରକାର ଧର୍ମଶାଳା ବ୍ଲକର ଜାରକାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଛନ୍ତି। ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇଆସୁଥିବାବେଳେ ରାଜ୍ୟ ସରକାର ବିଳମ୍ବରେ ହେଲେ ମଧ୍ୟ ଆଜି ବିଧିବଦ୍ଧ ଭାବେ ଏହାକୁ ଘୋଷଣା କରିଛନ୍ତି। ବିଶେଷକରି ଧର୍ମଶାଳାବାସୀଙ୍କ ତିନି ଦଶନ୍ଧିର ଦାବି ପୂରଣ ହୋଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏଥି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ମହଲରୁ କୃତଜ୍ଞତା ଜଣାଯାଇଛି। ଧର୍ମଶାଳା ବ୍ଲକର ଜାରକା ବ୍ଲକ ମୁଖ୍ୟାଳୟ ହୋଇଥିବାବେଳେ ଏଠାରେ ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ସମେତ ବ୍ୟାଙ୍କ, ସ୍କୁଲ, କଲେଜ ଆଦି ଶିକ୍ଷାନୁଷ୍ଠାନ ରହିଛି। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଜାରକା ଯାଜପୁର ଜିଲ୍ଲାର ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ହୋଇଥିବାବେଳେ ଏଠାରେ ସମସ୍ତ ପ୍ରକାର ଭିତ୍ତିଭୂମି ରହିଥିବାରୁ ଏହାକୁ ଏନ୍‌ଏସି ମାନ୍ୟତା ଦେବାକୁ ଦାବି ଜଣାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରେସ ବିବୃତିରେ କୃତଜ୍ଞତା ଜଣାଇଛନ୍ତି। ସ୍ୱର୍ଗତ ଲାବଣ୍ୟଙ୍କ ଉଦ୍ୟମରେ ଜାରକା ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ମାନ୍ୟତା ପାଇଛି। ମାତ୍ର ଏହି ସୁଖବର ଶୁଣିବା ପାଇଁ ସ୍ୱର୍ଗତ ଲାବଣ୍ୟ ନାହାନ୍ତି। ବାପା ବଞ୍ଚିଥିଲେ ବହୁତ ଖୁସି ହୋଇଥା'ନ୍ତେ। ବାପା ଇହଜଗତରେ ନ ଥିଲେ ମଧ୍ୟ ସ୍ୱର୍ଗପୁରରେ ଖୁସି ହେବେ।

-ଶ୍ୟାମାପ୍ରସାଦ ଦାସ, ପୂର୍ବତନ ବିଧାୟକଙ୍କ ପୁଅ

ରାଜ୍ୟ ସରକାର ଜାରକାକୁ ବିଜ୍ଞପିତ ଅଞ୍ଚଳ ପରିଷଦ ଘୋଷଣା କରିବା ଧର୍ମଶାଳାବାସୀଙ୍କ ଦୀର୍ଘଦିନର ଦାବି ଓ ସ୍ୱପ୍ନ ପୂରଣ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧର୍ମଶାଳାବାସୀଙ୍କ ପକ୍ଷରୁ ଓ ମୁଁ ବ୍ୟକ୍ତିଗତ ଭାବରେ କୃତଜ୍ଞତା ଜଣାଉଛି। ଯାଜପୁର ଜିଲ୍ଲାର ଏକ ଅଗ୍ରଣୀ ସହର ଭାବେ ଜାରକା ପରିଗଣିତ। ସେହିପରି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ପ୍ରାଣକେନ୍ଦ୍ର କୁହାଯାଉଥିବା ଜାରକା ଦିନକୁ ଦିନ ବିକାଶ ଆଡ଼କୁ ଅଗ୍ରସର ହେଉଛି। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ଏନଏସି ଉପହାର ଜାରକାର ବିକାଶକୁ ଆହୁରି ଆଗକୁ ନେବା ପାଇଁ ପଥ ଦେଖାଇଛି। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିକାଶ ଫର୍ଦ୍ଦରେ ଯୋଡ଼ି ହୋଇଛି ଏନ୍‌ଏସି ଘୋଷଣା।

-ପ୍ରଣବ ବଳବନ୍ତରାୟ, ବିଧାୟକ, ଧର୍ମଶାଳା




ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦିବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ମୁଖ୍ୟମନ୍ତ୍ରୀ ଓ ଗୃହ, ନଗର ଉନ୍ନୟନ ବିଭାଗକୁ ପତ୍ର ଲେଖି ଜଣାଇଥିଲେ। ଆଜି ବିଜୁ ଯୁବ ଜନତା ଦଳ ପକ୍ଷରୁ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ୍ ଦିଆଯାଇଛି। ସଭାପତି କ୍ଷିତୀଶ ନାୟକଙ୍କ ନେତୃତ୍ୱରେ ଯୁବକର୍ମୀ ଶୋଭାଯାତ୍ରାରେ ଯାଇ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ସେହିପରି ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ

# ଅନଲାଇନ ଠକେଇ ଅଭିଯୋଗ

ପାଣିକୋଇଲି, ୨୪।୨(ସମିସ): ଅନଲାଇନ ମାଧ୍ୟମରେ ଅର୍ଥ ଠକେଇ ନେଇ ପାଣିକୋଇଲି ଥାନାରେ ଏକ ଅଭିଯୋଗ ହୋଇଛି। ପୁଲିସ ଉକ୍ତ ଅଭିଯୋଗକୁ ଗ୍ରହଣ କରି ମାମଲା ରୁଜୁ କରି ତଦନ୍ତ କରୁଛି। ପାଣିକୋଇଲି ଗ୍ରାମର ଧ୍ରୁବଚରଣ ପଣ୍ଡାଙ୍କ ପୁଅ ସତ୍ୟରଞ୍ଜନଙ୍କ ମୋବାଇଲକୁ ଗତ ଡିସେମ୍ବର ମାସ ୬ ତାରିଖ ଦିନ ହ୍ୱାଟ୍ସଆପ ମାଧ୍ୟମରେ ଏକ ମେସେଜ ଆସିବା ସହିତ ଯେଉଁଥିରେ ସତ୍ୟଙ୍କ ମୋବାଇଲ ନମ୍ବରରେ ଏକ ଲକି କୁପନ ଡ୍ର ଥିବା ସୂଚନା ଦେବା ସହିତ ଏଥିନିମନ୍ତେ ୫୦୦୦ ଟଙ୍କା ଓ ଜିଏସଟି ବାବଦରେ ୧୩୯୦ ଟଙ୍କା ପୈଠ କରିବା ଲାଗି ଉଲ୍ଲେଖ ଥିଲା। ଉକ୍ତ ମେସେଜ ପାଇବା ପରେ ସତ୍ୟ କୌଣସି ଅନୁସନ୍ଧାନ ନ କରି ତୁରନ୍ତ ଉକ୍ତ ଟଙ୍କା ପୈଠ କରିଥିଲେ। ପରେ ଜିଏସଟି ବାବଦରେ ପୈଠ କରିଥିବା ୧୩୯୦ ଟଙ୍କା ଭୁଲ ଆକାଉଣ୍ଟରେ ପୈଠ ହୋଇଥିବା କଥା ଉକ୍ତ ସାଇବର ଲୁଟେରା ସତ୍ୟଙ୍କୁ ଫୋନ ଯୋଗେ ଜଣାଇବା ସହିତ ଏକ ଆକାଉଣ୍ଟ ନମ୍ବର ଦେଇ ସେଥିରେ ପୈଠ କରିବାକୁ କହିଥିଲେ। ସତ୍ୟ ପୁଣିଥରେ ସେମାନେ ଦେଇଥିବା ଆକାଉଣ୍ଟ ନମ୍ବରରେ ୧୩୯୦ ଟଙ୍କା ପୈଠ କରିଥିଲେ। ଉକ୍ତ ଟଙ୍କା ପୈଠ କରିବା ପରେ ଲୁଟେରା ସତ୍ୟଙ୍କ ନିକଟକୁ ଏକ ଲିଙ୍କ ସେୟାର କରିଥିଲେ। ସତ୍ୟ ଉକ୍ତ ଲିଙ୍କରେ ନିଜ ଆକାଉଣ୍ଟ ନମ୍ବର ଓ ଆଇଏଫ୍ଏସସି କୋର୍ଡ ଲିଙ୍କ୍ କରିବା ମାତ୍ରେ ଲୁଟେରା ତୁରନ୍ତ ୧୯, ୮୯୮ ଟଙ୍କା କାଟି ନେବା ସହିତ ଲାଇନ କାଟି ଦେଇଥିଲେ। ପରେ ସତ୍ୟ ଠକାମୀର ଶିକାର ହୋଇଥିବା ଜାଣି ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନା ପକ୍ଷରୁ ୧୦୬/୨୪ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଥିବା ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ଲିଜାରାଣୀ ବିଶ୍ୱାଳ ସୂଚନା ଦେଇଛନ୍ତି।

ହେଉନି କାର୍ଯ୍ୟକ୍ଷମ

# ଜରାଜୀର୍ଣ୍ଣ ଅବସ୍ଥାରେ ବ୍ରହ୍ମବରଦା ଗୋଶାଳା

ବ୍ରହ୍ମବରଦା, ୨୪।୨ (ସମିସ)

ଗାଈକୁ ସନାତନ ଧର୍ମୀ ଲୋକ ମାତୃ ସଦୃଶ ବା ଗୋ-ମାତା ରୂପେ ପୂଜା କରିଆସୁଛନ୍ତି। ଗୋରୁଗାଈ ପ୍ରତି ଦୟା ପ୍ରଦର୍ଶନ ଓ ପ୍ରାଣୀ କଲ୍ୟାଣ ହେଉଛି ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ତେଣୁ ବୁଲା ଗୋରୁଗାଈଙ୍କ ନିରାପଦ ଆଶ୍ରୟ ପାଇଁ ରାଜ୍ୟ ସରକାର ଗୋ-ଶାଳା ନିର୍ମାଣ କରିବା ସହ ରାଜ୍ୟବାପୀ ଆନିମଲ ହେଲ୍ପ ଲାଇନ୍ ନଂ(୧୯୬୨) ଜାରି କରିଛନ୍ତି। ଏଥିନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ପଞ୍ଚାୟତ ୧୫ନଂ ୱାର୍ଡର ବେଲଗୁଡି ଗ୍ରାମରେ ଥିବା ଗୋଶାଳାରେ କ୍ଷେତ୍ରରେ। କାର୍ଯ୍ୟକ୍ଷମ ହେଉ ନ ଥିବାରୁ ବ୍ରହ୍ମବରଦା ଗୋ-ଶାଳା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଛି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ସାଧାରଣରେ ଦାବି ହେଉଛି।



ବ୍ରହ୍ମବରଦା ଗୋ-ଶାଳା ମୁଖ୍ୟତଃ ବନ୍ଧଡିଅ, ବ୍ରହ୍ମବରଦା, ମହେଶ୍ୱରପୁର, ମଙ୍ଗରାଜପୁର ଓ ଅର୍ଥଙ୍ଗା ଆଦି ୫ଟି ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଏହି ଗୋ-ଶାଳାଟି କାର୍ଯ୍ୟକ୍ଷମ ନ ହୋଇ ଦୀର୍ଘ ୨୩ ବର୍ଷ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ବିଭାଗୀୟ ଅଧିକାରୀଙ୍କ ରକ୍ଷଣାବେକ୍ଷଣ ଅଭାବ ଓ ପାତରଅନ୍ତର ନୀତି ଯୋଗୁଁ ଛାତରୁ କଙ୍କ୍ରିଟ୍ ଝଡ଼ିପଡ଼ିବା ସହ ଏହାର ନିରାପତ୍ତା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଗୋଶାଳା କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ବୁଲା ଗାଈଗୋରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଗୋ' ଚୋରା ଚାଲାଣ ସମୟରେ ପୁଲିସ ପ୍ରଶାସନ ଦ୍ୱାରା ଜବତ ହେଉଥିବା ଗାଈଗୋରୁଙ୍କୁ ନିରାପଦ ଥଇଥାନ ନିମନ୍ତେ ଅନେକ ସମସ୍ୟାର ସାମ୍ନା କରିବାକୁ ପଡୁଛି। ଏଥିସହ ବନ୍ୟା, ବାତ୍ୟା ସମୟରେ ଗାଈଗୋରୁଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ଏତଦ୍‌ବ୍ୟତୀତ ରାସ୍ତାରେ ଦୁର୍ଘଟଣାର ଶିକାର ହେଉଥିବା ଗୋରୁଗାଈଙ୍କ ଉଚିତ୍ ଯତ୍ନ, ସେବା ଓ ଚିକିତ୍ସା ଅଭାବରୁ ଅକାରଣରେ ସେମାନଙ୍କ ଜୀବନ ହାନି ଘଟୁଛି। ବ୍ରହ୍ମବରଦା ଓ ଏହାର ଆଖପାଖ ଅଞ୍ଚଳବାସୀ ଚାଷ ଓ ଗୋ-ପାଳନ ଉପରେ ନିର୍ଭର କରି ଚଳିଥା'ନ୍ତି। ପ୍ରାୟ ୨୩ ବର୍ଷ ପୂର୍ବେ ଅବିଭକ୍ତ ବ୍ରହ୍ମବରଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ସେକ୍ ଜିଆଉଲ ହକଙ୍କ ସମୟରେ ଉକ୍ତ ଗୋଶାଳାଟି ନିର୍ମାଣ କାରଯାଇଥିଲା। ପ୍ରଶାସନ କେବଳ ଗୋଶାଳା ଗୃହ ନିର୍ମାଣ କରି ତାଙ୍କ କର୍ତ୍ତବ୍ୟ ସାରିଦେଇଛନ୍ତି। ଏହା କେବଳ ନାମକୁ ମାତ୍ର ଗୋଶାଳା ଭାବେ ବିବେଚିତ। ଗାଈଗୋରୁ ତ ଦୂରର କଥା କିଛି ଲୋକଙ୍କ ବ୍ୟକ୍ତିଗତ ଅଧୀନରେ ତାହା ଏବେ ରହିଛି। ଗୋଶାଳା ନିର୍ମାଣ ହେବାର ଦୀର୍ଘ ୨୩ ବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଏହାକୁ ଆଜି ପର୍ଯ୍ୟନ୍ତ ପଞ୍ଜିକୃତ କରାଯାଇପାରିଲାନାହିଁ।

୨୦୨୨-୨୩ ଆର୍ôଥକ ବର୍ଷରେ ରାଜ୍ୟରେ ମୋଟ ୫୨ଟି ପଞ୍ଜୀକୃତ ଗୋଶାଳା ଥିବାବେଳେ ପ୍ରତ୍ୟେକ ବୟସ୍କ ଗୋରୁ ପିଛା ବାର୍ଷିକ ୧୬ ହଜାର ଟଙ୍କା ହିସାବରେ ମୋଟ ୫ କୋଟି ଟଙ୍କା ବ୍ୟୟ ହୋଇଥିଲା। ୨୦୨୩-୨୪ ଆର୍ôଥକ ବର୍ଷରେ ପଞ୍ଜୀକୃତ ଗୋଶାଳା ସଂଖ୍ୟା ୮୦କୁ ବୃଦ୍ଧି ପାଇବା ସହ ପ୍ରତ୍ୟେକ ବୟସ୍କ ଗୋରୁ ପିଛା ବାର୍ଷିକ ଖର୍ଚ୍ଚ ୧୬ରୁ ୨୦ ହଜାରକୁ ବୃଦ୍ଧି କରାଯାଇ ଏ ବାବଦରେ ମୋଟ ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହ ୫୦ରୁ ୧୫୦ ଗୋରୁଙ୍କ ଥଇଥାନ ଓ ଆଶ୍ରୟ ପାଇଁ ୨୦ରୁ ୫୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି। ମାତ୍ର ବିଡ଼ମ୍ବନାର ବିଷୟ ଦୀର୍ଘ ୨୩ ବର୍ଷ ପୂର୍ବରୁ ନିର୍ମିତ ଗୋଶାଳାଟି ଦୁର୍ଦ୍ଦିନରେ ଗତି କରୁଛି। ଏହାକୁ ପଞ୍ଜୀକୃତ ତ ଦୂରର କଥା ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ଅନ୍ୟପକ୍ଷରେ ଗୋଶାଳା ନିକଟରେ ଥିବା ପ୍ରାଣୀ ସହାୟକ କେନ୍ଦ୍ର ୨୦୧୪ରେ ପୂର୍ବତନ ବିଧାୟକ ଦେବାଶିଷ ନାୟକଙ୍କ ସମୟରେ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ କର୍ମଚାରୀ ଅଭାବରୁ ଗାଈଗୋରୁ, ପଶୁ ପକ୍ଷୀଙ୍କ ସଠିକ ଢଙ୍ଗରେ ଚିକିତ୍ସା କରାଯାଇପାରୁନାହିଁ। ଏଠାରେ ଥିବା ଜଣେମାତ୍ର ପ୍ରାଣୀ ଧନ ନିରୀକ୍ଷକ ବିଭୂତି ଭୂଷଣ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ, ୫ଟି ପଞ୍ଚାୟତ ପାଇଁ ଜଣେ ମାତ୍ର ପ୍ରାଣୀ ଚିକିତ୍ସକ ଥିବାରୁ ତାଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତାଙ୍କ ମତରେ ଗୋରୁ ଗାଈଙ୍କ ଟୀକାକରଣ, ଡି ୱାର୍ମିଂ ଓ ଗୋ ବନ୍ଧ୍ୟା ନିରାକରଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ତୁଲାଇବା ପାଇଁ ଚିକିତ୍ସା କେନ୍ଦ୍ରରେ ଆଉ ଜଣେ ଆଟେଣ୍ଡାଣ୍ଟଙ୍କୁ ନିଯୁକ୍ତି କରିବା ପାଇଁ ସେ ନିବେଦନ କରିଛନ୍ତି। ମୋବାଇଲ ଭେଟିନାରୀ ୟୁନିଟ୍ ସେବା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ମଧ୍ୟ ଦାବି ହୋଇଛି। ତେଣୁ ଆଗାମୀ ଦିନରେ ଉକ୍ତ ଗୋଶାଳାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇବା ପାଇଁ ଅଞ୍ଚଳବାସୀ ବରୀ ବିଧାୟିକା ଶ୍ରୀମତୀ ସୁନନ୍ଦା ଦାସ, ଜିଲ୍ଲା ପ୍ରଶାସନ ଓ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିକଟରେ ନିବେଦନ କରିଛନ୍ତି।

## କଳାକନା ବୁଲାଇଲେ ଦୁର୍ବୃତ୍ତ

**ଷଠିପୁର, ୨୪।୨(ସମିସ):** ଘରେ କେହି ନ ଥିବା ସୁଯୋଗ ନେଇ ଘରର ଗ୍ରୀଲ ତାଡ଼ି ଦୁର୍ବୃତ୍ତ ପଶି ଅଳଙ୍କାର ଓ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ସନ୍ତୋଷ ସାହୁଙ୍କ ପରିବାର ୨୧ ତାରିଖ ଦିନ ଘରେ ନ ଥିବାବେଳେ ରାତିରେ ଘରର ଗ୍ରୀଲ ତାଡ଼ି, ଗଦରେଜ ଭାଙ୍ଗି ସେଥିରେ ଥିବା ସୁନା କାନଫୁଲ, ଚେନ, ମଙ୍ଗଳସୂତ୍ର, ୫ଟି ସୁନା ଲକେଟ, ବ୍ରେସଲେଟ, ୩ ହଳ ପାଉଁଜି, ରୁପାମୁଦ୍ରା, ଅଣ୍ଟା ବିଛା ସହିତ ଘରେ ଲାଗିଥିବା ଏକ ଏଲସିଡି ଟିଭି ଓ ନଗଦ ଦଶ ହଜାର ଟଙ୍କା ଲୁଟି ନେଇଥିଲେ। ପରଦିନ ସନ୍ତୋଷ ଓ ତାଙ୍କ ପତ୍ନୀ ଅନୁପମା ଘରକୁ ଫେରି ଗ୍ରୀଲ ଓ ଗଦରେଜ ଭଙ୍ଗା ଯାଇଥିବାବେଳେ ଉପରୋକ୍ତ ଅଳଙ୍କାର ନ ଥିବା ଦେଖି ଅନୁପମା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏ ନେଇ ୧୦୫/୨୪ରେ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଥିବା ତଦନ୍ତକାରୀ ଅଧିକାରୀ ପ୍ରକାଶ ପ୍ରଧାନ ସୂଚନା ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ଅଗ୍ନି ଉତ୍ସବ

**ବ୍ରହ୍ମବରଦା, ୨୪।୨ (ସମିସ):** ଅଗ୍ନିକୁ ଓଡ଼ିଶାର ଲୋକେ ଦେବତା ରୂପେ ପୂଜା କରିଆସୁଛନ୍ତି। ନିଜ ଗାଁକୁ ଅଗ୍ନି ଦେବତାଙ୍କ କୋପରୁ ରକ୍ଷା ପାଇବା ପାଇଁ ମାଘ ପୂର୍ଣ୍ଣିମାର ପୂର୍ବ ଦିନ ରାତିରେ ଅଗ୍ନି ଉତ୍ସବ ପାଳନ କରାଯାଏ। ଏହି ଉତ୍ସବକୁ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତର ବିଭିନ୍ନ ସ୍ଥାନରେ ପାଳନ କରାଯାଇଛି। ଡିଅସାହି, ଛେନାଖିଆପାଟଣା, ବରଦାସାହି, ବେଲଗୁଡ଼ି, ଚାରିଗାରପୁର, ନୂଆକୂଳ, ଦଳିତ ସାହି, ବ୍ରାହ୍ମଣ ସାହି, ସଧବା ସାହିରେ ସନ୍ଧ୍ୟାରେ ଗ୍ରାମବାସୀ ଛଣ, ନଡ଼ା, କୁଟା ଆଦି ସଂଗ୍ରହ କରି ବ୍ରାହ୍ମଣ ଡାକି ପୂଜାର୍ଚ୍ଚନା କରି ଅଗ୍ନି ଉତ୍ସବ ପାଳନ କରି ପରିବାରର ମଙ୍ଗଳ କାମନା କରିଛନ୍ତି। ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଉକ୍ତ ଅଗି ମଧ୍ୟକୁ ନଡ଼ିଆ, ଆଳୁ, ବାଇଗଣ ସହ ବିଭିନ୍ନ ପନିପରିବା ପକାଇ ଅଗ୍ନିଦେବୀଙ୍କୁ ସନ୍ତୁଷ୍ଟ କରିଛନ୍ତି। ଏଥିସହିତ ପରଦିନ ଉକ୍ତ ଅଗ୍ନି ଜଳା ସ୍ଥାନକୁ କୁଆଁରୀ ଝିଅ ବେଗୁନିଆ ଝାଡୁରେ ସଫା କରି ସେଠାରେ ପୂଜାର୍ଚ୍ଚନା କରିଥା'ନ୍ତି। ଏହା ସାଧାରଣତଃ ମାଘ ପୂର୍ଣ୍ଣମୀରେ ପଡୁଥିବାବେଳେ ଉକ୍ତ ଦିନରୁ ଶୀତ ଦିନ ଶେଷ ହୋଇ ଗ୍ରୀଷ୍ମ ଦିନ ଆରମ୍ଭ ହୁଏ ବୋଲି ଧାର୍ମିକ ଧାରଣା ରହିଛି।

## ଥାନାରୁ ନ୍ୟାୟ ନ ପାଇ ଏସ୍‌ପିଙ୍କୁ ଭେଟିଲେ ବୃଦ୍ଧ

ପାଣିକୋଇଲି, ୨୪।୨(ସମିସ): ଥାନାରୁ ନ୍ୟାୟ ନ ପାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି ଜଣେ ବୃଦ୍ଧ। ପାଣିକୋଇଲି ଥାନା ଅଧୀନସ୍ଥ ଗୋଲେଇପୁର ଗ୍ରାମରେ ବିଦ୍ୟୁତ ତାର ସ୍ଥାନାନ୍ତରିତ କରିବା ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ଘଟିଥିଲା। ଦୁଇ ଗୋଷ୍ଠୀ ପରସ୍ପର ବିରୁଦ୍ଧରେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏ ନେଇ ଥାନାରେ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଛି। ଗୋଲେଇପୁର ପଞ୍ଚାୟତର ଶାଳପଡ଼ା ଗ୍ରାମର ସେକ ବାବୁଙ୍କ ଅଭିଯୋଗ କ୍ରମେ ତାଙ୍କ ଘର ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାରକୁ ସ୍ଥାନାନ୍ତରିତ କରାଯାଉଥିବାବେଳେ ତାଙ୍କ ପୁଅ ଇମ୍ରାନ ଓ ଅମଜାଦଙ୍କୁ ଗୋଲେଇପୁର ଗ୍ରାମର ମୁନତାଜ ବେଗଙ୍କ ପୁଅ ଅବୁତାର, ମିର୍ଜା ଅତର ବେଗଙ୍କ ପୁଅ ଇବ୍ରାହିମ, କମରାନ ଓ କୋର୍ବାନ ଠେଙ୍ଗା, ଭୁଜାଲି ଓ ଲୁହା ରଡ଼ରେ ମାଡ଼ ମାରୁଥିବାବେଳେ ସେ ପହଞ୍ଚିଯିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏଥିସହିତ ତାଙ୍କର ଦେଢଭରି ଓଜନର ଏକ ଚେନ୍ ସହିତ ଏକ ମୋବାଇଲ ଫୋନକୁ ମଧ୍ୟ ଆକ୍ରମଣକାରୀ ଛଡ଼ାଇ ନେଇଯାଇଛନ୍ତି। ପରେ ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ କେବଳ ମାମଲା ରୁଜୁ କରି ଚୁପ ବସିଛି। ତଦନ୍ତ ଠିକ ଭାବେ କରୁନାହିଁ। ଏଥିସହିତ ତାଙ୍କ ପୁଅ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ମଧ୍ୟ ଆକ୍ରମଣକାରୀଙ୍କୁ ପୁଲିସ ଗିରଫ କରୁନାହିଁ। ଉକ୍ତ ଆକ୍ରମଣକାରୀ ଚୋରାରେ ଷଣ୍ଢ ବେପାର କରିବା ସହିତ ଅସାମାଜିକ ପ୍ରକୃତିର ବ୍ୟକ୍ତି। ତେଣୁ ସେମାନଙ୍କୁ ତୁରନ୍ତ ଗିରଫ କରିବା ଲାଗି ନିର୍ଦ୍ଦେଶ ଦେବା ଲାଗି ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ସେକ ବାବୁ ନ୍ୟାୟ ଭିକ୍ଷା କରିଛନ୍ତି।



## ଅଖିଳଚକ୍ର ପକ୍ଷରୁ ଓଡ଼ିଆ ଭାଷା ସମ୍ମିଳନୀ

ବିଂଝାରପୁର, ୨୪।୨(ସମିସ)

ଅଖିଳଚକ୍ର ସାରସ୍ୱତ ସଂଗଠନ ପକ୍ଷରୁ ଆଜି ତାଉଁତରା ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁଣ୍ୟତିଥି ଉପଲକ୍ଷେ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ସୁରେନ୍ଦ୍ର କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ସ୍ଥାନୀୟ ସରପଞ୍ଚ କାମଦେବ ଧଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ନରାୟଣ ଦାସ ଯୋଗଦେଇ ପାଶ୍ଚାତ୍ୟ ସାହିତ୍ୟରୁ ମୁକ୍ତି ପାଇବା ପାଇଁ ବ୍ୟାସକବି ଫକୀରମୋହନ, ଗଙ୍ଗାଧର ମେହେର, ରାଧାନାଥ ରାୟ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ମଧୁବାବୁ ଯେଉଁ ସାହିତ୍ୟ ସୃଷ୍ଟି କରିଯାଇଥିଲେ, ତାହା କାଳଜୟୀ ହୋଇ ରହିଛି। କାନ୍ତକବିଙ୍କ ବନ୍ଦେ ଉତ୍କଳ ଜନନୀ ଆଜି ଓଡ଼ିଶାରେ ଜାତୀୟ ସଙ୍ଗୀତରେ ପରିଣତ ହୋଇଛି। ଅଧ୍ୟାପକ ମଣ୍ଟୁ ବଳିୟାରସିଂହ, ସଂଗଠକ ପୀତାମ୍ବର ସ୍ୱାଇଁ ମଧ୍ୟ କାନ୍ତକବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ପାଦକ ହରେକୃଷ୍ଣ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରି ଅଖିଳଚକ୍ରର ସୁବର୍ଣ୍ଣଜୟନ୍ତୀ ପାଳନ ବର୍ଷ ସାରା ଓଡ଼ିଶାର ବିଭିନ୍ନ ସ୍ଥାନରେ ପାଳନ କରାଯିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଓ ଏ ଅବସରରେ ଓଡିଆ ଭାଷା ସାହିତ୍ୟର ସମୃଦ୍ଧି ପାଇଁ ବରପୁତ୍ରଙ୍କ ସ୍ମୃତି ଓ କୃତିକୁ ଉଜ୍ଜୀବିତ କରାଯିବ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦ କିଶୋର ସାମଲ ଯୋଗ ଦେଇ ସାରା ଓଡ଼ିଶାରେ ଅଖିଳଚକ୍ରର ଭାଷା ସାହିତ୍ୟ ଆନ୍ଦୋଳନ କରିବା ସହିତ ରାଜ୍ୟର ଏକ ଅଗ୍ରଣୀ ଅନୁଷ୍ଠାନରେ ପରିଣତ ହୋଇପାରିଥିବା ଏ ଅଞ୍ଚଳ ପାଇଁ ଗୌରବର କଥା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବରିଷ୍ଠ ସମାଜସେବୀ ଗୋବିନ୍ଦ ସ୍ୱାଇଁ, ସମାଜସେବୀ ଅଟଳ ବିହାରୀ ନାୟକ, ସହସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଗୌରାଙ୍ଗ ସ୍ୱାଇଁ, ଶିକ୍ଷାବିତ ମନୋରଞ୍ଜନ ଧଳ, ସାହିତ୍ୟିକ ସୁବାସ ଶତପଥୀ, ଅନ୍ୱେଷାର ସଭାପତି ବୃନ୍ଦାବନ ମିଶ୍ର, କବି ଜିତେନ୍ଦ୍ର ବେହେରା, କବି ସରୋଜ ସାମଲ, ପ୍ରଧାନ ଶିକ୍ଷକ ଅଜୟ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ସାମଲ, ଶାନ୍ତାକାର ବେହୁରିଆ, ଅକ୍ଷୟ କୁମାର ସେଠୀ, ସତ୍ୟଶେଖର ନାୟକ, ଶଶୀଭୂଷଣ ସାମଲ, ଭାରତ ଭୂଷଣ ମଲ୍ଲିକ, ବିଜୟ କୁମାର ଜେନା ପ୍ରମୁଖ ଅନୁଷ୍ଠାନର ଆନ୍ଦୋଳନମୁଖୀ ଆଭିମୁଖ୍ୟ ପ୍ରତି ସମର୍ଥନ ଜଣାଇବା ସହିତ ସାମାଜିକ ସ୍ତରରେ ଆଭିମୁଖ୍ୟର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସହସମ୍ପାଦକ ଗୌରାଙ୍ଗ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶାନ୍ତାକାର ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।




## କୋରେଇ ବ୍ଲକ ୨୮ ପଞ୍ଚାୟତର ମହିଳା ବିଜେଡି ସଭାପତି ଚୟନ

**ପାଣିକୋଇଲି, ୨୪।୨(ସମିସ):** କୋରେଇ ବିଧାୟକ ଅଶୋକ କୁମାର ବଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ମହିଳା ବିଜୁ ଜନତା ଦଳ ସଭାପତି ପଙ୍କଜିନୀ ସାହୁ ଆଜି ୨୮ ପଞ୍ଚାୟତର ମହିଳା ସଭାପତି ତାଲିକା ପ୍ରକାଶ କରିଛନ୍ତି। ଏହି କ୍ରମରେ ଅନ୍ଧାରୀ ପଞ୍ଚାୟତର ସଭାପତି ଭାବେ ରୀତା ସ୍ୱାଇଁ, ଅସନଝର ବିଦ୍ୟୁତଲତା ରାଉତ, କାଟରାସାହି ସ୍ୱର୍ଣ୍ଣଲତା ଖିଲାର, କନ୍ତୋର ଦମୟନ୍ତୀ ସେଠୀ, ପାଟରଙ୍ଗା ରଜନୀ ସେଠୀ, ପଚ୍ଛିକୋଟ ପ୍ରମିଳା ନାୟକ, ରଣପୁର ପ୍ରେମଲତା ବେହେରା, ତାହାରପୁର ମାନସୀ ମଲ୍ଲିକ, ତଳଗଡ଼ ହେମଲତା ପାତ୍ର, ତୁଳତୀ ସରୋଜିନୀ ଖୁଣ୍ଟିଆ, ଅମୃତିଆ ମାନସୀ ପତ୍ରୀ, ବନ୍ଦାଲୋ ବିଳାସିନୀ ବେହେରା, ବରୁଣ୍ଡାଇ ପୂର୍ଣ୍ଣିମା ନାୟକ, ଧନେଶ୍ୱର ଲିଲି ବୋଇତାଇ, ଗୌରପୁର ନିରୂପମା ରାଉତ, ହଳଦୀଗଡ଼ିଆ ମମତା ଧଳ, ମକୁନ୍ଦପୁର ପ୍ରଣତୀଲତା ସାହୁ, ସାଦକପୁର ସ୍ୱର୍ଣ୍ଣପ୍ରଭା ସିଂହ, ତାରାକୋଟ ମାନସୀ ବଳ, ବଡ଼ବିରୁହାଁ ଲିଲିମା ସାହୁ, ଗୋଲେଇପୁର ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ଜହ୍ନା ଚଞ୍ଚଳା ସାହୁ, କରଦା ବାସନ୍ତୀ ଓଝା, ଖମଣ ଗାୟତ୍ରୀ ପୃଷ୍ଟି, ମୂଳାପାଳ ସୌଦାମିନୀ ପାଳ, ପାଣିକୋଇଲି ପ୍ରତୀମା ପଣ୍ଡା, ପଥରପଦା ସାଗରିକା ଗିରି, ତଣ୍ଡରା ସୁକାନ୍ତୀ କରଙ୍କୁ ଚୟନ କରାଯାଇଛି।

## ହରିହାଟ ମହୋତ୍ସବରେ ସ୍ୱାସ୍ଥ୍ୟସେବା ଶିବିର

**ଷଠିପୁର, ୨୪।୨(ସମିସ):** କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ ନୁହେଁ କରଦା ହରିହାଟ ମହୋତ୍ସବ କମିଟି ଦ୍ୱାରା ମେଳା ଓ ମହୋତ୍ସବକୁ ଆସୁଥିବା ଦର୍ଶକ, ଦୋକାନୀ ଓ ସ୍ଥାନୀୟ ଲୋକଙ୍କ ଉଦ୍ଦେଶ୍ୟରେ ମହୋତ୍ସବ ପ୍ରାଙ୍ଗଣରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଉକ୍ତ ଶିବିରରେ ଡାକ୍ତର ଅଭିଷେକ ରାଉତରାୟ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୦୯ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରେ ସେମାନଙ୍କୁ ନିଶୁଳ୍କ ଔଷଧ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ କମିଟିର କର୍ମକର୍ତ୍ତା ପ୍ରମୋଦ ମହାପାତ୍ର, ବିଶ୍ୱନାଥ ପଣ୍ଡା, ତୁଷାରକାନ୍ତୀ ବାରିକ, ଅନିରୁଦ୍ଧ ମଳିକ, ଦୁର୍ଗାପ୍ରସନ୍ନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ମହିମା ଅଲେଖ ସନାତନ ମଠ ମେଳା ଓ ବାର୍ଷିକୋତ୍ସବ



**ପାଣିକୋଇଲି, ୨୪।୨(ସମିସ):** ଜୀବ ଜଗତର ସ୍ରଷ୍ଟା ବ୍ରହ୍ମାଣ୍ଡ ଠାକୁର ମହିମା ଅଲେଖ ଆଶ୍ରମ ଓଚିନ୍ଦା ସନାତନ ମଠରେ ମେଳା ଓ ବାର୍ଷିକୋତ୍ସବ ପ୍ରତିବର୍ଷ ଭଳି ଚଳିତ ବର୍ଷ ସାଧୁ କ୍ଷମାନନ୍ଦ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଓଚିନ୍ଦା, ତାଜପୁର, ଖସାଗଡ଼ିଆ, ବର୍ତମଣା, କାଜିପଟଣା, ନୂଆଗାଁ, ପଥରପଦା ଆଦି ଗ୍ରାମର ଅଲେଖ ଭକ୍ତଙ୍କ ପରିଚାଳନାରେ ଭଜନ କାର୍ଯ୍ୟକ୍ରମ କରାଯାଇଥିଲା। ବହୁ ସାଧୁ, ଭକ୍ତ, ଧର୍ମ ପିପାଶୁ ଯୋଗଦାନ କରିବା ସହ ଭକ୍ତଙ୍କ ଦ୍ୱାରା ଘୃତାହୁତି, ଯଜ୍ଞ, ବାଲ୍ୟଲୀଳା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଘୃତମଧୁ, କର୍ପୁର, ଶ୍ୱେତୁନ, ଚୁଡାଗୁଡ, ନଡ଼ିଆ, କଦଳୀ, କ୍ଷିର, ଫଳ, ଝୁଣା, ଧୂପ ଇତ୍ୟାଦି ଧରି ଭକ୍ତଙ୍କ ସୁଅ ଛୁଟିଥିଲା। ମଠ ପକ୍ଷରୁ ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଗହରନଗରରେ ବୃଦ୍ଧ ଦମ୍ପତିଙ୍କୁ ସହାୟତା



**ବାଲିକୁଦା, ୨୪।୨(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତର ଗହରନଗର ଗ୍ରାମର ବାବାଜୀ ଜେନା (୮୫) ଓ ତାଙ୍କ ସ୍ତ୍ରୀ କୋଇଲି ଜେନା(୭୫)ଙ୍କ ପରିବାରକୁ ସ୍ୱେଚ୍ଛାସେବୀ ସଂଗଠନ ମହାବାହୁ ଗ୍ରୁପ ସହାୟତା ଯୋଗାଇଛନ୍ତି। ବାବାଜୀ ଜେନାଙ୍କ ଦୀର୍ଘ ୨୦ ବର୍ଷ ହେବ ମେରୁଦଣ୍ଡ ଭାଙ୍ଗିଯାଇଥିବାରୁ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ୩୦ ବର୍ଷ ପୂର୍ବେ ତାଙ୍କ ପୁଅ ଟିଭି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛି। ଦୁଇ ପ୍ରାଣୀ ଗଣ୍ଡେ ଖାଇବା ପାଇଁ ସରକାରୀ ଯୋଜନାରେ ମିଳୁଥିବା ଭତ୍ତା ହିଁ ଏକମାତ୍ର ଭରସା। ସ୍ତ୍ରୀ କୋଇଲା ଜେନାଙ୍କୁ ୭୫ ବର୍ଷ ହୋଇଥିଲେ ମଧ୍ୟ ଭତ୍ତା ହୋଇପାରିନାହିଁ। ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡେ ମଧ୍ୟ ନାହିଁ। ଭଙ୍ଗା ଚାଳ ଘରେ ଦୁଇ ପ୍ରାଣୀ ଖରାବର୍ଷା ଓ ଶୀତରେ ସେହି ଘରେ ମୁଣ୍ଡ ଗୁଞ୍ଜୁଛନ୍ତି। ଗରିବ ନିରାଶ୍ରୟଙ୍କୁ ଥଇଥାନ କରିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର, ମୋ କୁଡିଆ, ମଧୁବାବୁ ପେନ୍‌ସନ ଭଳି ଯୋଜନା ପ୍ରଣୟନ କରି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତୃଣମୂଳ ସ୍ତରରେ ଥିବା ଲୋକେ ଅଧିକରୁ ଅଧିକ କିପରି ସାମିଲ ହୋଇପାରିବେ ସେଥିପାଇଁ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା ପ୍ରଶାସନ ତୀକ୍ଷ୍ଣ ଦୃଷ୍ଟି ଦେବା ପାଇଁ ତାଗିଦ କରିଥିବାବେଳେ ବାବାଜୀ ଜେନାଙ୍କ ଭଳି ଗରିବ ଲୋକ ପ୍ରଶାସନ ଅଢୁଆଳରେ ରହିଯାଉଛନ୍ତି। ବାବାଜୀ ଜେନାଙ୍କ ଏଭଳି ଅବସ୍ଥା ମହାବାହୁ ଗ୍ରୁପର ପ୍ରତିଷ୍ଠାତା ଶିବ ସାମଲଙ୍କ ନଜରରେ ଆସିବାରୁ ମହାବାହୁ ଗ୍ରୁପର ସମସ୍ତ ସଭ୍ୟ ବାବାଜୀ ଜେନାଙ୍କ ଘରେ ପହଞ୍ଚି ଚାଳ ଛପର ଘର ଉପରେ ଜରି ପାଲ ପକାଇ ମରାମତି କରିଥିବାବେଳେ ଦୁଇ ମାସ ଚଳିବା ପାଇଁ ଗ୍ରୋସରୀ ଏବଂ ସ୍ୱାମୀସ୍ତ୍ରୀଙ୍କ ପାଇଁ ନୂଆ ବସ୍ତ୍ର ପ୍ରଦାନ କରିଥିଲେ। ମହାବାହୁ ଗ୍ରୁପର ମୃତ୍ୟୁଞ୍ଜୟ ସାମଲ, କିଶୋର ସାମଲ, ଗୋବର୍ଦ୍ଧନ ମଲ୍ଲିକ, ଭରତ ସାମଲ, ନିମାଇଁ ଚରଣ କର, ସନ୍ତୋଷ ସାମଲ ପ୍ରମୁଖ ସାମିଲ ଥିଲେ।

## ଯାଜପୁର ଜିଲ୍ଲା ଓମ୍‌ଫେଡ୍ ଏଜେଣ୍ଟ ସଂଘ ବୈଠକ

**ଶଙ୍ଖଚିଲା, ୨୪।୨(ସମିସ):** ଶାଳପଡ଼ା ଡାଏରୀ ଅଧୀନସ୍ଥ ଯାଜପୁର ଜିଲ୍ଲା ଓମ୍‌ଫେଡ୍ ଏଜେଣ୍ଟ ସଂଘର ବାର୍ଷିକ ବୈଠକ ଶଙ୍ଖଚିଲା ନିକଟବର୍ତ୍ତୀ ଭିକିପୁର ଆକାଶିଆ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ତାରାକାନ୍ତ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ମଳୟ କୁମାର ମଲ୍ଲିକ ପରିଚାଳନା କରିଥିଲେ। ସଂଘର ଉପଦେଷ୍ଟା ତ୍ରିଲୋଚନ ନାୟକ ଯୋଗଦେଇ ଏଜେଣ୍ଟଙ୍କ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ସମ୍ପାଦକ ଅଜୟ କୁମାର ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିବା ସହ ପ୍ଲାଣ୍ଟ ସ୍ତରରେ ରହିଥିବା ସମସ୍ୟା ଓ ତା'ର ସମାଧାନ ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଶାଳପଡ଼ା ଡାଏରୀ(ପ୍ଲାଣ୍ଟ)ର ପରିଚାଳକ ସତ୍ୟପ୍ରକାଶ ଧର ଓ ମୁଖ୍ୟବକ୍ତା ଭାବେ ବିପଣନ ପରିଚାଳକ(ମାର୍କେଟିଂ ମ୍ୟାନେଜର) ଆଲୋକ ଦାସ ସାମନ୍ତ ଯୋଗଦେଇ ଏଜେଣ୍ଟ ଓ ଡାଏରୀ(ପ୍ଲାଣ୍ଟ) ସ୍ତରରେ ରହିଥିବା ସମସ୍ତ ସମସ୍ୟାକୁ ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଯୋଗାଣ ପରିଚାଳକ ତାପସ ପଶାୟତ, ଯାଜପୁରରୋଡ ରୁଟ ଇନଚାର୍ଜ ସୁଶୀଲ ଧର, ଦିଲ୍ଲୀପ ପୁରୀ, ପ୍ରଭାତ ବେହେରା, ଜିତେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଏଜେଣ୍ଟ ପ୍ରଫୁଲ୍ଲ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ହୃଷିକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନ ନାୟକ, ତପନ ପଣ୍ଡା, ଶରତ ସାହୁ, ବିଷ୍ଣୁ ଭଗବାନ ଦାସ, ତପନ ଶତପଥୀ, ପରମେଶ୍ୱର ନାୟକ, ମାଧବାନନ୍ଦ ସାହୁ, ଅଜୟ ଦାସ, ରବୀନ୍ଦ୍ର ସାହୁ, ଭରତ ସାହୁ, କେଶବ ସାହୁ, ପ୍ରଦୀପ ସାହୁ ପ୍ରମୁଖ ସାମିଲ ଥିଲେ।

## ନବଗ୍ରହ ମନ୍ଦିରର ନବମ ବାର୍ଷିକ ଉତ୍ସବ

**କଯାଁଗୋଲା, ୨୪।୨(ସମିସ):** କଯାଁ ପଞ୍ଚାୟତସ୍ଥ ମଲ୍ଲିପୁରଠାରେ ଅବସ୍ଥିତ ନବଗ୍ରହ ମନ୍ଦିରର ନବମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ଗ୍ରହଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପ୍ରାତଃରେ ଗ୍ରାମବାସୀ କଳସ ଶୋଭାଯାତ୍ରାରେ ଯାଇ ବାବା ମଲ୍ଲିକେଶ୍ୱରଙ୍କ ପୁଷ୍କରିଣୀରେ କଳସ ବୁଡ଼ାଇବା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜାରେ ଥାଲୁକୁଡ଼ି ଗ୍ରାମର କୃଷ୍ଣଚନ୍ଦ୍ର ପୃଷ୍ଟି ଓ ତାଙ୍କ ଧର୍ମପତ୍ନୀ ସାବିତ୍ରୀ ପୃଷ୍ଟି ସଂକଳ୍ପ କରିଥିବାବେଳେ ଯଜ୍ଞ କାର୍ଯ୍ୟରେ ପୂଜକ ଭରତ ଚନ୍ଦ୍ର ନାୟକ, ଲକ୍ଷ୍ମୀଧର ନାୟକ, ପ୍ରଦୀପ୍ତ କୁମାର ନାୟକ, ଶ୍ରୀନାଥ ନାୟକ, ଅଖିଳ କୁମାର ନାୟକ ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଦୁଇଦିନ ଧରି ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ ଗାୟକ ଭାସ୍କର ବନ ବିହାରୀ ଗ୍ରହାଚାର୍ଯ୍ୟ ପାଲା ପରିବେଷଣ କରିଥିଲେ। ପାଖ ପଡୋଶୀ ଗ୍ରାମରୁ ଶହ ଶହ ଶ୍ରଦ୍ଧାଳୁ ଆସି ନବଗ୍ରହଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରି ଆଶୀର୍ବାଦ ଲାଭ କରିଥିବାବେଳେ ଆଜି ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଛି। ନବଗ୍ରହ ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପାତ୍ର, ସମ୍ପାଦକ ରଜନୀ କାନ୍ତ ନାୟକ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ନାୟକ, ଉପକୋଷାଧ୍ୟକ୍ଷ ତୁଷାରକାନ୍ତ ନାୟକ, ସଭ୍ୟ ଆରତ ଚନ୍ଦ୍ର ନାୟକ, ଶଶଧର ନାୟକ, ଅଶୋକ ନାୟକ ପ୍ରମୁଖ ଉତ୍ସବ ଓ ଯଜ୍ଞ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରଶାସନର ପଡୁନି ଦୃଷ୍ଟି

# ବାଲିଆ-ବାଲିକୁଦା ରାସ୍ତା ପାଲଟିଛି ମରଣଯନ୍ତା

ବରୀ, ୨୪।୨ (ସମିସ)

ସରକାର ଗମନାଗମନ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଉଥିବାବେଳେ ସ୍ଥାନୀୟ ପ୍ରଶାସନର ଅବହେଳା କାରଣରୁ ବାଲିଆ-ବାଲିକୁଦା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଲୋକେ ବିଭିନ୍ନ ଡାକ୍ତରଖାନା ଯିବାକୁ ହେଉ ଅବା ଯେକୌଣସି ସରକାରୀ କାର୍ଯ୍ୟାଳୟ ଯିବାକୁ ହେଲେ ଧାରପୁର, ଚନ୍ଦନପୁର, ଗୋଳକୁଣ୍ଡ, ସ୍ୱାଇଁଖଣ୍ଡ, ବାଲିଆ, ଈଶାଣପୁର, ସାହୁପଡ଼ା, ପଞ୍ଚାୟତର ଲୋକମାନେ ସାଧାରଣତଃ ଏହି ବାଲିଆ-ବାଲିକୁଦା ରାସ୍ତା ଉପରେ ନିର୍ଭର କରନ୍ତି। ଅନ୍ୟପକ୍ଷରେ ତାଲୁଆ, ବାଲିକୁଦା, ମୂଷାଟିକିରି, ରଇପୁର, ବଣିଆରି, ବରପଦା, ସାଉଡ଼ିଆ, ନିଆଳି, ଜନକ ପ୍ରଭୃତି ଗ୍ରାମର ଲୋକେ ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରି ଏହି ରାସ୍ତା ଦେଇ ଆସିଥା'ନ୍ତି। ଉକ୍ତ ଗ୍ରାମର ଛାତ୍ରଛାତ୍ରୀ ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଆସିଥା'ନ୍ତି। ଅନୁରୂପ ଭାବେ ଉକ୍ତ ରାସ୍ତା ଦେଇ ଚାରି/ପାଞ୍ଚଟି ଯାତ୍ରୀବାହୀ ବସ ଚାଲୁଥିବାବେଳେ ଆମ୍ବୁଲାନସ, ଏଟିଏମ ପରିଚାଳନା ପାଇଁ ପ୍ରତ୍ୟେହ ଦୁଇ ତିନିଟି ଗାଡ଼ି ଯାତାୟାତ କରୁଛି। ଏବେ ଏହି ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ଲୋକେ ଅସୁବିଧା ଭୋଗ କରୁଛନ୍ତି। ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।



ବାଲିଆରୁ ବାଲିକୁଦା ରାସ୍ତାର ପ୍ରଥମ ୩.୩୫ କିମି ଅଞ୍ଚଳ ବରୀ ବ୍ଲକ ଅଧୀନରେ ଥିବାବେଳେ ଅବଶିଷ୍ଟ ଅଞ୍ଚଳ ବଡ଼ଚଣା ବ୍ଲକ ଅଧୀନରେ ରହିଛି। ବାଲିଆରୁ ବଡ଼ଚଣା ବ୍ଲକ ସୀମାନ୍ତ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ନ କହିଲେ ଭଲ। ଆଣ୍ଠୁଏ ଆଣ୍ଠୁଏ ଖାଲ, ବଡ଼ ବଡ଼ ଗୋଡ଼ି ରାସ୍ତାରୁ ଉଠି ବିକ୍ଷିପ୍ତ ହୋଇପଡ଼ିଛି। ଗାଡ଼ି ମଟର କଥା ଅଲଗା, ପାଦରେ ଚାଲି ଚାଲି ଯିବା କଷ୍ଟକର ହୋଇପଡୁଛି। କାହାରି ନଜର ନାହିଁ। ଏହି ରାସ୍ତାଟି ବରୀ ଓ ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅଞ୍ଚଳ ଦେଇ ଯାଇଥିଲେ ମଧ୍ୟ ଏହାର ଉନ୍ନତିକରଣ ହୋଇପାରୁନାହିଁ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ପୂର୍ବରୁ ଏକାଧିକ ଥର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଅବଗତ କରିଥିଲେ ହେଁ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ନ କଲେ, ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

